
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଜାନୁୟାରୀ ୨୦୧୮
ମୂଲ୍ୟ : ୨୫ ଟଙ୍କା




NEET RESULTS - 2017
THEY TRUST ...WE CONVERT THEIR TRUST into GRAND SUCCESS
JN'S BIOLOGY
sprouting the hidden talent
MEDICAL +2 Sc.(Int.)
Biswaranjan Mark-605 Roll No-907122797
Tabish Mark-598 Roll No-907100778
Arup priyadarshan Mark-584 Roll No-907110729
Anupam Mark-544 Roll No-907106661
Sandhyarani Mark-544
Arunodaya Nagar, Cuttack -12, CDA (in Front of the DAV School), Cuttack
Plot No :81, Satya Nagar, Bhubaneswar
Ph.:0671-2324833, 9439799689, 8984849460





*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

**ପ୍ରାଚୀ**

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

**ବାସ୍ତବତାର ପରିପ୍ରକାଶ**

**ପ୍ରାଚୀ**

Vol.-3, January 2018, Issue No. X
RNI No. : ODIODI/2015/64435
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...

### ପ୍ରବନ୍ଧ


- ନବକଳେବର : ପ୍ରଥା ଓ ପରମ୍ପରାର ସାକ୍ଷର
  ଡକ୍ଟର ଦିପକ କୁମାର ଦାସ ୦୭


### ଗଳ୍ପ


- ଅଭିଶାପ
  ଶମ୍ଭୁନାଥ ଦାସ ୧୧
- ଚରିତ୍ର - ଜୀବନର ପୃଷ୍ଠଭୂମି
  ଲିପ୍‌ସା ପଟେଲ ୧୨
- ଭିନ୍ନ ଏକ ପ୍ରେମ
  ବଲବନ୍ତ ସାହୁ ୧୩
- ଗୁରୁଙ୍କୁ ନ ମଣିବ ନର
  ଗୀତାଞ୍ଜଳି ନାୟକ ୧୭
- ବିଦେଶିନୀ
  ବନଲତା ସିଂହ ୧୯
- ଏଇତ ଆରମ୍ଭ
  ପାୟଲ ଜେନା ୨୦
- ପାଗଳ
  ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର ୨୩
- ଭକ୍ତି ପସରା
  ବିଶ୍ୱଜିତ୍ ଖମାରୀ ୨୫
- ସ୍ନେହ ପାଇଁ ଚିଠିଟିଏ
  ଡଃ ନିରୋଦ କୁମାର ମନ୍ତ୍ରୀ ୨୬

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଠିକଣା ........................................................... ପିନ୍‌କୋର୍ଡ଼ ......................................

ମୋବାଇଲ୍ ନମ୍ବର .............................................. ଇ-ମେଲ୍ .............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର..................................... ତାରିଖ.........................................................

ବ୍ୟାଙ୍କ୍.............................................. ସ୍ଥାନ..........................................................

ତାରିଖ............................................ ଦସ୍ତଖତ.........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ନବକଳେବର : ପ୍ରଥା ଓ ପରମ୍ପରାର ସ୍ୱାକ୍ଷର

*- ଡକ୍ଟର ଦିପକ କୁମାର ଦାସ*

ଜଗତର ନାଥ ଜଗନ୍ନାଥ । ସେ ସମଗ୍ର ବିଶ୍ୱର ବିଶ୍ୱାସ ଓ ଭକ୍ତିର ପ୍ରତୀକ । ସେ ହେଉଛନ୍ତି ଅନନ୍ତକୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା । ଜଗନ୍ନାଥ ହେଉଛନ୍ତି ଅବିନଶ୍ୱର, ଅବର୍ଣ୍ଣନୀୟ ଓ ଅପ୍ରକାଶ୍ୟ, ନିର୍ଗୁଣ ଓ ନିରାକାର ତତ୍ତ୍ୱର ଆକାର ଶୂନ୍ୟବ୍ରହ୍ମ ଲୀଳା ସରଞ୍ଚନା କରିବାକୁ ଯାଇ ସଗୁଣ ଓ ସାକାର ଚତୁର୍ଦ୍ଧା ମୂର୍ତ୍ତି ରୂପେ ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳ ଧାମରେ ବିରାଜିତ । ସେ ରୂପାତୀତ ଓ ଗୁଣାତୀତ ହେଲେ ମଧ ନଶ୍ୱର ଦାରୁ ମଧରେ ମାନବୀୟ ଲୀଳାରେ ନିମଗ୍ନ । ସେ କେବଳ ଭାରତବର୍ଷର ପ୍ରସିଦ୍ଧ ଦେବତା ନୁହଁନ୍ତି - ଅନନ୍ୟ ଦେବତା ମଧ । ସେ ଏଥିପାଇଁ ଅନନ୍ୟ କାରଣ ଆମ ଦେଶରେ ବିଭିନ୍ନ ସ୍ଥାନରେ ମୂର୍ତ୍ତିପୂଜା ହେଲେ ମଧ କେଉଁଠି ହେଲେ ନବକଳେବର ପ୍ରଥା ପ୍ରଚଳିତ ନାହିଁ । ଦେହଧାରୀ ଏହି ମନୁଷ୍ୟ ଶରୀରରେ ବାଲ୍ୟ, ଯୌବନ, ଜରା, ବୃଦ୍ଧାବସ୍ଥା ଆସେ । ତେଣୁ ଆତ୍ମା ଅନ୍ୟ ଶରୀର ଖୋଜେ । ବସ୍ତ୍ର ପୁରୁଣା ହେଲେ ଲୋକମାନେ ପୁରୁଣା ବସ୍ତ୍ରକୁ ପରିତ୍ୟାଗ କରି ନୂତନ ବସ୍ତ୍ର ଗ୍ରହଣ କଲାପରି ଜୀବାତ୍ମା ଜୀର୍ଣ୍ଣ ଶରୀର ପରିତ୍ୟାଗ କରି ନୂତନ ଶରୀର ମଧରେ ପ୍ରବେଶ କରେ । ଏହାକୁ ଭଗବାନ ନିଜେ ଗୀତାରେ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି -


ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହଣାତି ନରାଦ୍ଧପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା
ନ୍ୟନାନି ସଂଯାତି ନବାନି ଦେହୀ ॥

ଶ୍ରୀଜଗନ୍ନାଥ ପରମେଶ୍ୱର ହେଲେ ମଧ ମାନବୀୟ ଜୀବନଧାରାର ପରିପ୍ରକାଶ କରିବା ପାଇଁ ପୁରୁଷୋତ୍ତମ କ୍ଷେତ୍ରରେ ଦାରୁରୂପ ଧାରଣ କରି ଦେହକୁ ପରିତ୍ୟାଗ କରି ନୂତନ ଦେହ ଧାରଣ କରିଥାନ୍ତି । ଚତୁର୍ଦ୍ଧାମୂର୍ତ୍ତିଙ୍କର ଏହି ନୂତନ ପ୍ରତିମା ନିର୍ମାଣର ପ୍ରକ୍ରିୟା ହେଉଛି ନବକଳେବର । ଶ୍ରୀଜୀଉଙ୍କ ପ୍ରତିମା ନିମ୍ବକାଷ୍ଠ ଦାରୁରେ ନିର୍ମିତ । ମୂର୍ତ୍ତିଶାସ୍ତ୍ର ବା ଶିଳ୍ପୀଶାସ୍ତ୍ର ଅନୁଯାୟୀ ବିଗ୍ରହ ପାଞ୍ଚ ପ୍ରକାର । ଯଥା - ମଣି ବିଗ୍ରହ, ଧାତୁ ବିଗ୍ରହ, ଚିତ୍ର ବିଗ୍ରହ, ମୃଣ୍ମୟ ବିଗ୍ରହ ଓ ଦାରୁ ବିଗ୍ରହ । ମଣି ବିଗ୍ରହମାନଙ୍କର ଆୟୁ ୧୦ ସହସ୍ର ପରିମିତ ବର୍ଷ । ଧାତୁବିଗ୍ରହର ଆୟୁ ୧ ସହସ୍ର ବର୍ଷା । ଚିତ୍ର ପ୍ରତିମାର ଆୟୁ ୧ ବର୍ଷ । ମାଟି ପ୍ରତିମାର ପରମାୟୁ ୧ ମାସ କିନ୍ତୁ ଦାରୁ ବିଗ୍ରହର ପରମାୟୁ ୧୨ ବର୍ଷ । ଏ ଦୃଷ୍ଟିରୁ ଶ୍ରୀକ୍ଷେତ୍ରରେ ପୂଜିତ ଦାରୁ ବିଗ୍ରହମାନଙ୍କର ନବକଳେବର ନିର୍ଦ୍ଦିଷ୍ଟ ବିଧିବିଧାନ ଅନୁସାରେ ସାଧାରଣତଃ ୧୨ ବର୍ଷରୁ ୧୯ ବର୍ଷ ମଧରେ ହୋଇଥାଏ ।

ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ନେଇ ଗବେଷକବୃନ୍ଦ ଓ ଶାସ୍ତ୍ରାଦି ଭିନ୍ନ ଭିନ୍ନ ତଥ୍ୟ ପ୍ରଦାନ କରିଛନ୍ତି । କେତେକ ଗବେଷକଙ୍କ ମତରେ ଖ୍ରୀଷ୍ଟିୟ ୧୫୭୫ ମସିହାରୁ ନବକଳେବରର ଆୟମାରମ୍ଭ ହୋଇଛି । ଉତ୍କଳ ଦୀପିକା, ମାଦଳାପାଞ୍ଜି ଚକଡା ପୋଥି ଓ ବୟସ୍କ ଦଇତାପତିମାନଙ୍କ ଗୃହରେ ଥିବା ପ୍ରାଚୀନ ନଥିରୁ ଏହା ଜାଣିବାକୁ ମିଳେ ଯେ -୧୯୧୨, ୧୯୩୧, ୧୯୫୦, ୧୯୬୯, ୧୯୭୭, ୧୯୯୬ରେ ଶ୍ରୀଜୀଉଙ୍କ ନବକଳେବର ଅନୁଷ୍ଠିତ ହୋଇଥିଲା । ପୁରାଣ ଅନୁସାରେ ଶ୍ରୀଜଗନ୍ନାଥ ପ୍ରଥମେ ନୀଳକନ୍ଦରରେ ପ୍ରସ୍ତର ବିଗ୍ରହ ନୀଳମାଧବ ରୂପେ ପୂଜିତ ହେଉଥିଲେ । ପରେ ସେ ଦାରୁ ବିଗ୍ରହ ରୂପେ ପୂଜିତ ହେଲେ । ସ୍କନ୍ଦପୁରାଣ ଓ ବ୍ରହ୍ମପୁରାଣରେ ଥିବା କାହାଣୀ ଅନୁସାରେ ପଶ୍ଚିମ ସମୁଦ୍ରରୁ ଭାସି ଆସି ପୂର୍ବ ଉପକୂଳରେ ଲାଗିଥିବା ଦାରୁଙ୍କୁ ଆଣି ଇନ୍ଦ୍ରଦ୍ୟୁମ୍ନ ସେଥିରେ ବିଗ୍ରହ ନିର୍ମାଣ କରାଇଲେ । ସପ୍ନାଦେଶ ଅନୁସାରେ ବିଶ୍ୱକର୍ମା ସେହି ବିଗ୍ରହ ନିର୍ମାଣ କରାଇଲେ । ମାଦଳାପାଞ୍ଜି ଅନୁସାରେ ଭୌମକର ବଂଶର ଶୋଭନ ଦେବଙ୍କ ରାଜତ୍ୱ କାଳରେ ରକ୍ତବାହୁ ପୁରୀ ଆକ୍ରମଣ

କରିଥିଲା । ସେତେବେଳେ ସେବକମାନେ ଶ୍ରୀଜଗନ୍ନାଥଙ୍କୁ ନେଇ ସୋନପୁର ଠାରେ ପାତାଳି କରିଥିଲେ । ସୋମବଂଶୀ ରାଜା ପ୍ରଥମ ଯଯାତି କେଶରୀ ଦୀର୍ଘ ୧୪୪ ବର୍ଷ ପରେ ପୁରୁଷୋ ମଙ୍କୁ ସେଠାରୁ ଉଦ୍ଧାରକରି ଶାସ୍ତ୍ରୀୟ ବିଧିରେ ନୂତନ ବିଗ୍ରହ ନିର୍ମାଣ କରାଇଥିଲେ । ଏଣୁ ଜଗନ୍ନାଥଙ୍କର ପ୍ରଥମ ନବକଳେବର ଦଶମ ଶତାବ୍ଦୀରେ ହୋଇଥିବାର ସୂଚନା ମିଳେ । ତେଣୁ ଦଶମ ଶତାବ୍ଦୀ ଠାରୁ ଆଜି ପର୍ଯ୍ୟନ୍ତ ଏହି ଦୀର୍ଘ ୧ହଜାର ବର୍ଷ ଭିତରେ କେବେ କେବେ ନବକଳେବର ପର୍ବ ସଂଗଠିତ ହୋଇଥିଲା, ତାହାର ନିର୍ଦ୍ଦିଷ୍ଟ ବିବରଣୀ ଇତିହାସରେ ମଧ ନାହିଁ । ଶ୍ରୀଜଗନ୍ନାଥ ଚେତନାର ବିଶିଷ୍ଟ ଗବେଷକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଉଲ୍ଲେଖ କରିଛନ୍ତି ଯେ, ଖ୍ରୀଷ୍ଟ ୧୩୭୦ ମସିହାରେ ନବକଳେବର ହୋଇଥିଲା । ଅନ୍ୟଏକ ଲେଖାରେ ଏହା ପ୍ରଥମେ ୧୩୦୮ ଖ୍ରୀ.ଅ.ରେ ହୋଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି । କିନ୍ତୁ ଇତିହାସର ସର୍ବପ୍ରାଚୀନ ତଥ୍ୟ ଅନୁସାରେ ୧୫୦୪ ଖ୍ରୀ.ଅ.ରେ ନବକଳେବର ସଂଗଠିତ ହୋଇଥିଲା ।

ନବକଳେବରର ଇତିହାସକୁ ଅବଲୋକନ କଲେ ଦେଖାଯାଏ ଯେ, କେତେବେଳେ ଆର୍ଥିକ ସମସ୍ୟା ଓ ଅନ୍ୟକେତେବେଳେ ପ୍ରଶାସନିକ ଅବ୍ୟବସ୍ଥା ଘଟି ଯାତ୍ରୀ ଓ ଭକ୍ତ ଦୁର୍ଦ୍ଦଶା ଭୋଗୁଛନ୍ତି । ୧୮୨୮ ମସିହାର ନବକଳେବରର ସମୟ ବେଳକୁ ଦ୍ୱିତୀୟ ମୁକୁନ୍ଦଦେବଙ୍କ ପୁତ୍ର ରାମଚନ୍ଦ୍ର ଦେବ ଖୋର୍ଦ୍ଧା ରାଜ୍ୟ ହରାଇଥିଲେ ମଧ ସେ ପୁରୀର ଗଜପତି ତଥା ଶ୍ରୀମନ୍ଦିରର ତତ୍ତ୍ୱାବଧାରକ ଥିଲେ । ଅର୍ଥାଭାବ ହେବାରୁ ସେ ସମୟର କଲେକଟର ଏଚ୍. ଏଚ୍. ଆଲୋ କମିଶନର ପୋକେନହାମ୍ଙ୍କୁ ନବକଳେବର ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ ଅନୁରୋଧ କରିଥିଲେ । ଫଳସ୍ୱରୂପ ୫୫୦୦ ଟଙ୍କା ଅନୁମୋଦନ କରାଯାଇଥିଲା । ତଥାପି ଏହି ଅର୍ଥ ନିଅ ହେବାରୁ ବାଲେଶ୍ୱର ନିମକ ମାହାଲ ୩ ଶହ ସ୍ୱର୍ଣ୍ଣମୁଦ୍ରା ଦେବାପରେ କୌଣସି ମତେ ନବକଳେବର ସଂପନ୍ନ ହୋଇଥିଲା । ୧୮୫୫ ମସିହାରେ ସଂପନ୍ନ ହୋଇଥିବା ନବକଳେବର ରଥଯାତ୍ରାରେ ୨ଲକ୍ଷ ଜନସମାଗମ ହୋଇଥିଲେ ମଧ ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସକ୍ଷମ ହୋଇନଥିଲା । ୧୮୯୩ ମସିହାରେ


AK PHYSICS
Apprise Education, Reprise Innovation
+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER

SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

ଅନୁଷ୍ଠିତ ହୋଇଥିବା ନବକଳେବରର ଅର୍ଥାଭାବ ଝିନଝଟ୍‌ର ସମ୍ଭାବନା ଆଶଙ୍କା କରି ମହାରାଣୀ ସୂର୍ଯ୍ୟମଣୀ ପାଟମହାଦେଈ ଅରାଜି ହେବାରୁ କେବଳ ଆଂଶିକ ନବକଳେବର କରାଯାଇଥିଲା । ଏଥିରେ ଅଧିକ ଯାତ୍ରୀମାନଙ୍କର ଭିଡ଼କୁ ଆଖିଆଗରେ ରଖି ନବଯୌବନ ଦର୍ଶନ ମଧ ବନ୍ଦ କରିଦିଆଯାଇଥିଲା । ଏସବୁ ସତ୍ତ୍ୱେ ରଥଯାତ୍ରାରେ ସମାଗମ ହୋଇଥିବା ଯାତ୍ରୀମାନଙ୍କୁ ନିୟନ୍ତ୍ରଣ କରାଯାଇ ପାରିନଥିଲା । ଭକ୍ତମାନେ ଶ୍ରୀମନ୍ଦିର ଚାରିଦ୍ୱାର ସମ୍ମୁଖରେ ଭିଡ଼ ଜମାଇବାରୁ ମନ୍ଦିରର ଦୈନିକ କାର୍ଯ୍ୟରେ ବିଭ୍ରାଟ ଦେଖାଦେଲା । ସକାଳେ ନୀତିକାର୍ଯ୍ୟ ସଂପନ୍ନ ହୋଇଥିଲା । ଅନେକ ବିଭ୍ରାଟ ଯୋଗୁଁ ଶ୍ରୀଗୁଣ୍ଡିଚା ପରଦିନ ରଥଟଣା ହୋଇଥିଲା ।

୧୯୧୨ ମସିହାରେ ଅନୁଷ୍ଠିତ ହୋଇଥିବା ନବକଳେବରରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ରଥଯାତ୍ରାଦିନ ଗୁଣ୍ଡିଚା ମନ୍ଦିରଠାରେ ଏବଂ ଶ୍ରୀଜଗନ୍ନାଥଙ୍କ ରଥ ତା ପରଦିନ ପହଞ୍ଚିଥିଲା । ୧୯୩୧ ମସିହାରେ ନବକଳେବରରେ ମଧ ବିଭ୍ରାଟ ଘଟିଥିଲା । ଗୁଣ୍ଡିଚାଦିନ ରଥ ଚାଲିନଥିଲା ବରଂ ପହଣ୍ଡିବିଜେ ସରିବା ବେଳକୁ ସନ୍ଧ୍ୟା ହେବାରୁ ଭକ୍ତମାନେ ଅନେକ ଯନ୍ତ୍ରଣା ସହ୍ୟକଲେ । ୧୯୫୦ ମସିହାରେ ସାଧୁ ଓ ପୋଲିସର ସଂଘର୍ଷ ଫଳରେ ଧିରେ ଧିରେ ନବକଳେବରରେ ସାଧୁଙ୍କ ସଂଖ୍ୟା କମିବାକୁ ଲାଗିଲା । ୧୯୭୭ ମସିହାର ପରବର୍ତ୍ତୀ ନବକଳେବରର ରଥାଯାତ୍ରା ଜୁଲାଇ ୧୮ତାରିଖରେ ପଡିଥିଲା କିନ୍ତୁ ଧାର୍ଯ୍ୟ ହୋଇଥିବା ସମୟ ଠାରୁ ଢେର ବିଳମ୍ବ ଯୋଗୁଁ ପହଣ୍ଡି ୫ଟାରେ ଏବଂ ଛେରାପହଁରା ସନ୍ଧ୍ୟା ୬ଟାରେ ସମାପ୍ତ ହେଲା । କେବଳ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ବଳଭଦ୍ର ଠାକୁରଙ୍କ ରଥକୁ ଚାରିହାତ ଟାଣି ରଖାଯାଇଥିଲା ଏହା ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ କରିଥିଲା । ପରଦିନ ବଳଭଦ୍ରଙ୍କ ରଥ ପୁନଷ୍ଚ ଟଣାହେବା ସମୟରେ କିଛିବାଟ ଯିବାପରେ ରଥର ୬ଟି ଚକ ଭାଙ୍ଗିଗଲା । ଦିନ ୧୧ଟାରେ ରଥ ମରାମତି କାର୍ଯ୍ୟ ଶେଷ ହେଲା, ଫଳସ୍ୱରୂପ ରଥା ଟଣାକୁ ଅପେକ୍ଷା କରିଥିବା ଲକ୍ଷ ଲକ୍ଷ ଭକ୍ତ ଗଭୀର ଅସନ୍ତୋଷ ପ୍ରକାଶ କଲେ । ଏହାଦ୍ୱାରା ସରକାର ଗଣମାଧ୍ୟମରେ ମାତ୍ରାଧିକ ସମାଲୋଚିତ ହେବାକୁ ଲାଗିଲେ ।

ଏସବୁ ନବକଳେବରଗୁଡ଼ିକର ପରିସ୍ଥିତିକୁ ଆଖିଆଗରେ ରଖି ୧୯୯୬ର ନବକଳେବର ଓ ରଥଯାତ୍ରାକୁ ସମ୍ପୂର୍ଣ୍ଣଭାବେ ସମନ୍ୱିତ, ଶୃଙ୍ଖଳିତ ଏବଂ ସବୁ ଦୃଷ୍ଟିରୁ ସଫଳ କରିବାନିମନ୍ତେ ପ୍ରଶାସନ ପ୍ରଥମରୁ ଯେଉଁ ପ୍ରଚେଷ୍ଟା କରିଥିଲେ ତାହା ସଫଳ ହେଲା । ଶାନ୍ତିଶୃଙ୍ଖଳାର ସହିତ ଏହା ସଫଳହୋଇ ଭବିଷ୍ୟତର ସଫଳତା ନିମନ୍ତେ ଏକ ସମ୍ଭାବନା ସୃଷ୍ଟିକଲା । ନବକଳେବରର ପ୍ରକ୍ରିୟାରୂପେ ଆଲୋକପାତ କଲେ ଜଣାଯାଏ ଯେ, ଶ୍ରୀଜଗନ୍ନାଥଙ୍କ ଖେଳାଲୀଳା କେତେ ଅଲୌକିକ ଓ ଅନନ୍ୟ । ନବକଳେବରର ପ୍ରକ୍ରିୟା ଚୈତ୍ରମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଶୁଭାରମ୍ଭ ହୁଏ । ଏହି ଦିନଥାଏ ବାସନ୍ତିକ ଦଶହରା । ଦାରୁ ଅନ୍ୱେଷଣରେ ଯାଇଥିବା ସେବକ କର୍ମଚାରୀ, ବନଯୋଗଯାତ୍ରା, କାକଟପୁର ମଙ୍ଗଳା, ମାଉସୀ ମା', ବନଯାଗ ଦଳ ଓ ଦେଉଳି ମଠ, ସ୍ୱପ୍ନାଦେଶ, ଦାରୁ ଲକ୍ଷଣ, ଦାରୁ ଛେଦନ, ଶଗଡ଼ି ସାହାଯ୍ୟରେ ଶ୍ରୀକ୍ଷେତ୍ରକୁ ଦାରୁ ଆଣିବା, ବିଗ୍ରହ ନିର୍ମାଣ, ଯଜ୍ଞଗୃହ ନିର୍ମାଣ ମଣ୍ଡପ, ଘଟପରିବର୍ତ୍ତନ ଓ ପୁରାତନ ବିଗ୍ରହମାନଙ୍କର ପାତାଳି, ଦଇତାପତିମାନଙ୍କର ହବିଷ୍ୟ ଓ ଶୁଦ୍ଧିକ୍ରିୟା ଇତ୍ୟାଦି ବିଧିବିଧାନ ଦେଇ ଗତିକରେ । ପ୍ରଭୁଙ୍କର ମାନବୀୟ ଲୀଳାର ଅନୁଧାନ କଲେ ଆମେ ଜାଣିବାକୁ ପାଉ ଯେ, ଦାରୁ ମହାପ୍ରଭୁଙ୍କ ଅସ୍ଥି । ରକ୍ତ ହେଉଛି ଲାଲ ରଙ୍ଗର ପାଟବସ୍ତ୍ର । ଶିରାପ୍ରଶିରା ହେଉଛି ପାଟଡୋର, ମାଂସ ହେଉଛି ଓଷୁଅ । ମଣିଷ ଶରୀର ପରି ମହାପ୍ରଭୁଙ୍କ ଶରୀର ଗଢ଼ାଯାଇଥାଏ । ଯବଶାସ୍ତ୍ର ଅନୁଯାୟୀ ମନୁଷ୍ୟପରି ମହାପ୍ରଭୁ ପ୍ରତି ବୁଧବାର କ୍ଷୌରକର୍ମ ହୁଅନ୍ତି । ଅର୍ଥାତ୍ ପ୍ରମୁଖ ଶ୍ରୀମୁଖ ଶୃଙ୍ଗାର ହୁଏ । ଶୀତହେଲେ ଘୋଡ଼ି ହୁଅନ୍ତି । ଗରମ ହେଲେ ଚନ୍ଦନ ଲଗାଇ ଚାପ ଖେଳନ୍ତି । ଚାମର ସେବା ହୁଅନ୍ତି । ବିଡ଼ିଆ ପାନ ମଣୋହି ହୁଅନ୍ତି । ପଣା ପିଅନ୍ତି । ୧୦୮ଗରା ସୁନାକୂଅ ପାଣି ଗାଧୋଇ ଜ୍ୱରରେ ଥାଆନ୍ତି । ତା'ପରେ

ଅଣସର ନୀତି ପାଳିତ ହୁଏ । ଅଧୁନା ୨୦୧୫ ନବକଳେବରରେ ଏହିସବୁ ପ୍ରକ୍ରିୟାରେ ଅତ୍ୟନ୍ତ ବିଭ୍ରାଟ ଘଟିସାରିଲାଣି । ଶବର ପଲ୍ଲୀରେ ଭିଡିଓ କଲିଂ । ଦାରୁ ଚୟନରେ ଅନୀୟମିତତା, ଦାରୁସ୍ଥଳରେ ଅସ୍ୱାଭାବିକ ପରିବେଶ, ବ୍ରହ୍ମପରିବର୍ତ୍ତନରେ ମହାବିଭ୍ରାଟ ଏହାର ସଫଳତା ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ବ୍ରହ୍ମର ରହସ୍ୟ ଯେପରି ପ୍ରଘଟ ହେଲା ତାହା ଆଶାତୀତ ଓ ବିଶ୍ୱାସର କୁଠାରଘାତ । ଏସବୁ ସତ୍ତ୍ୱ ସବୁ ଦେଖୁଥିବା ସବୁ ଜାଣୁଥିବା ଚକାଆଖି ତା'ର ଏହି ନବକଳେବର ବର୍ଷର ଘୋଷଯାତ୍ରାକୁ ନିଜେ ସଠିକ୍ ଭାବେ ସଂପାଦନ କରାଇବେ ଏହା ଆମର ବିଶ୍ୱାସ ।

ଆଗକୁ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନବକଳେବରର ସଂପନ୍ନହେବ ଏହା ବିଶ୍ୱନିୟନ୍ତାଙ୍କ ଇଚ୍ଛା । ମହାମାନ୍ୟଙ୍କର ନବକଳେବରର ଲୋକଶିକ୍ଷାମୂଳକ ବ୍ରହ୍ମସତ୍ୟ ଜଗତ ମିଥ୍ୟା, ଜାତସ୍ୟ ହି ଧ୍ରୁବୋମୃତ୍ୟୁ । ଯୁଗେଯୁଗେ ଭଗବାନଙ୍କର ଏହି କାର୍ଯ୍ୟ ଚାଲୁରହିବ । ଯୁଗେଯୁଗେ ଲୀଳା ସମୟରେ ସାକାର ରୂପ ଧାରଣ କରି ମର୍ତ୍ତ୍ୟକୁ ଅବତରଣ କରିଥାନ୍ତି । ଭଗବତ ଅନୁଯାୟୀ – "ଯୁଗକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ ।"

ଖ୍ରୀଷ୍ଟ ମହାବିଦ୍ୟାଳୟ,
କଟକ



# ଅଭିଶାପ

*- ଶମ୍ଭୁନାଥ ଦାସ*

ଏଡ଼େ ଚାଲାକ ଚତୁର ସିଏ ! ମୋ ଦେଖନ୍ତାରେ ତିନିଥର ତା' ନାଁ ବଦଳେଇ ସାରିଲାଣି । କିଏ ଜାଣେ, କାହାକୁ ପାଣିରେ ବୁଡ଼େଇ ମାରିଥିବ ତ, କାହାକୁ ନିଆଁରେ ପୋଡ଼ି ମାରିଥିବ ! ଏଇତ ସମସ୍ତଙ୍କ ଆଖିରେ ଆଙ୍ଗୁଳି ଖେଞ୍ଚି ଏମିତି କ୍ଷୀରକୁ ମୁର୍ଗୀକରି ମୋଡ଼ିଦେଲା ଯେ, ଦେଖିଲେ ଆଖିରୁ ଅତଡ଼ା ଖସି ପଡୁଛି । ପ୍ରଥମେ ତ ତା' ନାଁ ଥିଲା 'ଶାଗୁଆଡି', ମଝିରେ 'ମାଉଁସ' ବୋଲି ନାଁ ରଖିଥିଲା, କିନ୍ତୁ ଏବେ 'ମାଂସ' ବୋଲି ନ ଡାକିଲେ ସେ ଶୁଣୁନାହିଁ । ଛାଡ଼, ତା' ନାଁ କଥା; କ୍ଷୀରକୁ ସେ କେମିତି ମୁର୍ଗୀ କରି ଚଳୁ ବୁଲାଇଲା, ତାହା ଆମର ଜାଣିବାର କଥା ।

ମାଂସ ଓ ଭାତର ଘନିଷ୍ଠ ବନ୍ଧୁତା, ଏବଂ କ୍ଷୀର ଓ ଭାତର ଘନିଷ୍ଠ ବନ୍ଧୁତା ସମସ୍ତେ ଜାଣନ୍ତି । କିନ୍ତୁ ମାଂସ ଓ କ୍ଷୀରର ଦଣ୍ଡେ ପଡେ ନାହିଁ । ମାଂସ ସବୁବେଳେ ଭାତକୁ କହେ, ମୋତେ ଟିକେ କ୍ଷୀର ସହିତ ଭାବଦୋସ୍ତି କରେଇ ଦିଏ ! ଭାତ କିନ୍ତୁ ତା' କଥା ଶୁଣେନା । ମାଂସ ଲାଞ୍ଚ ଦେଖାଏ ଆଉ ଯେତେ ଧମକ-ଚମକ କଲେ ବି ଭାତ କିନ୍ତୁ ଦଲାଲି କରେନା, କି ଏ ଘର ମାଉସୀ ସେ ଘର ପିଉସୀ ହୁଏ ନାହିଁ । ମାଂସ ନିରୁପାୟ ହୋଇ ଭାବିଲା - 'ମଣିଷଗୁଡ଼ାକ କ'ଣ କି ତନ୍ତର ମନ୍ତର, ଗୁଣି-ଗାରେଡ଼ି କରି କେତେ କେତେ ସରଳ ନିରୀହଙ୍କ ବେକ ମୋଡ଼ି ନଚାଉଛନ୍ତି ତ, କିଏ ଆଉ କା କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଉଛନ୍ତି । ତେବେ ମୁଁ ଏହି ସାମାନ୍ୟ କ୍ଷୀରଟାକୁ କ'ଣ ଚଳୁ ବୁଲେଇ ପାରିବି ନାହିଁ... ?

ଲେମ୍ବୁ ସାଙ୍ଗରେ ମାଂସର ଟିକେ ପରିଚୟ ଥାଏ । ଥରେ ସେ ଲେମ୍ବୁକୁ କଅଁଳେଇ ସଅଁଳେଇ କହିଲା, "ତୋ ଭଳିଆ ଉପାକରୀ ବନ୍ଧୁ ଜଗତରେ ନାହାଁନ୍ତି । ସମସ୍ତଙ୍କର ଉପକାର କରି କରି ତୁ ମହାନ୍ ହୋଇଗଲୁଣି । ଦୁନିଆଯାକର ରୋଗ ଭଲ କରୁଛୁ । ଦୁଃଖ ଦୂର କରୁଛୁ, କଳି-କଜିଆ ମେଣ୍ଟେଇ ଦେଉଛୁ, ଆଉ ତୋର ମୋର ଏତେ ଦିନର ଭାବ-ଦୋସ୍ତି; ମୋର ମନର ଯନ୍ତ୍ରଣାକୁ ତମ ଭଳି ପରାକ୍ରମୀ ଦାନବର ପୁଣି ଯନ୍ତ୍ରଣା କ'ଣ ? ହଉ କୁହ, ମୋର ଯଦି କ୍ଷମତା ଥିବ, ମୁଁ ନିଶ୍ଚୟ ସାହାଯ୍ୟ କରିବି !

ଏଥର ମାସଂ ଲେମ୍ବୁ ପିଠିକୁ ଟିକେ ସାଉଁଳେଇ କହିଲା - କ୍ଷୀର ସହିତ ମୋର ଟିକେ ଭାବଦୋସ୍ତି କରେଇ ଦିଅ ।.. କଥାଟା ଶୁଣି ହଠାତ୍ ଲେମ୍ବୁର ମୁଣ୍ଡ ବୁଲେଇ ଦେଲା । କ'ଣ କରିବ କିଛି ବୁଦ୍ଧି ବାଟ ଦିଶିଲା ନାହିଁ । କଥା ତ ଦେଇ ସାରିଛି, ବାଧ ହୋଇ ମାଂସକୁ ପ୍ରତିଶ୍ରୁତି ଦେଲା.... ହଉ ଠିକ୍ ଅଛି !

କ୍ଷୀର ଶୋଇପଡ଼ିଲେ ଲେମ୍ବୁ ଯାଇ ତା' ଦେହରେ ସବାର ହୋଇଯାଏ । କେଇ ଘଣ୍ଟା ପରେ କିମ୍ବା ତା'ପର ଦିନକୁ କ୍ଷୀର ଦହି ପାଲଟି ଯାଇ ମାଂସ ପାଖକୁ ଯିବାପାଇଁ ପାଗଳୀ ପରି ନାଚିଉଠେ । କ୍ଷୀରକୁ ଚଳୁ ବୁଲେଇବାର କୌଶଳ ବାସ୍ତବିକ ମାଂସର ଖୁବ୍ ବଡ଼ ଜିତାପଟ ହୋଇଗଲା ।

ଏ କଥା ଶୁଣି ଗୋମାତା ଆଖିରୁ ଲୁହ ଝରିଗଲା । ତା' ମୁଣ୍ଡକୁ ବିଷ ଉଠିଗଲା । ସେ ଲେମ୍ବୁକୁ ଅଭିଶାପ ଦେଇ କହିଲା, "ସକଳଖିଆ.... ଅଳପେଇସିଆ..... ଘରବୁଡ଼ା, ତୋ ଦିହରେ କଣ୍ଟା ହୋଇଯାଉ, ଲୋକସବୁ ତୋତେ କଞ୍ଚାଲଙ୍କା ସାଙ୍ଗରେ ରସି ଲଗେଇ ଦୁଆରେ ଦୁଆରେ ଟଙ୍ଗାଉନ୍ତୁ ।

ଏ କଥାରେ ମାଂସର ଯାଏ କେତେ... ଆସେ କେତେ ! କାମ ହାସଲ ହୋଇଗଲାତ, ବାସ୍ ଏବେ ପୁଣି ସେ ସ୍ଲୋଗାନ୍ ଦେଲାଣି, ମୋତେ ମଟନ୍ କି ଚିକେନ୍ ଡାକ......। ସତରେ କି ବୁଦ୍ଧି ସେ ଶଇତାନର ! ଅଭିଶାପତ ତାକୁ କେହି ଦେଇପାରୁନାହାଁନ୍ତି; ସେ କାହାର ବରଦାନ ପାଇଛି କେଜାଣି....!!

ମୁଖ୍ୟ ସଂପାଦକ - ଅଭିଯାନ
୧୨/୧, ମୟୁରଭଞ୍ଜ ରୋଡ୍
ମୋ - ୦୯୦୩୮୩୯୭୧୩୫

୦୦୦୦

# ଚରିତ୍ର - ଜୀବନର ପୃଷ୍ଠଭୂମି

*- ଲିପ୍‌ସା ପଟେଲ*

ଚରିତ୍ର ମନୁଷ୍ୟର ଶ୍ରେଷ୍ଠ ଭୂଷଣ । ଏହା ହିଁ ଗର୍ବ, ଗୌରବର ଦ୍ୟୋତକ/ଅଗଣିତ ଗୁଣ ମଧ୍ୟରୁ ଏହା ହିଁ ପ୍ରଧାନ ଗୁଣ । ଚରିତ୍ର ବିହୀନ ବ୍ୟକ୍ତିର ଜୀବନ ନିରର୍ଥକ । ବୈଦିକ ଯୁଗର ଋଷିମୁନିମାନେ ନିଜର ଅମ୍ଳାନ ଚରିତ୍ର ଯୋଗୁଁ ଆଜି ମଧ୍ୟ ବନ୍ଦନୀୟ ହୋଇ ରହିଛନ୍ତି । ଚରିତ୍ରବାନ ବ୍ୟକ୍ତି ବିଶ୍ୱବନ୍ଦିତ ଓ ପୂଜିତ ହୋଇଥାଏ । ଏହାର ପ୍ରଭାବ ସୁଦୂରପ୍ରସାରୀ । ଜୀବନର ଚରମ ଉନ୍ନତି ଚରିତ୍ର ଉପରେ ନିର୍ଭରଶୀଳ । ଯଥାର୍ଥରେ ଚରିତ୍ର ହେଉଛି ସାମାଜିକ ମାନସମ୍ମାନ ଲାଭର କଷଟି ପଥର ।

ଶୈଶବ ହିଁ ଚରିତ୍ରଗଠନର ପ୍ରକୃଷ୍ଟ କାଳ ଓ ପରିବାର ହିଁ ଏହାର ପ୍ରଥମ କ୍ଷେତ୍ର । ପିତାମାତାଙ୍କର ଦୟା, କ୍ଷମା, ସାଧୁତା ଓ ନୈତିକତା ଶିଶୁକୁ ପ୍ରଭାବିତ କରେ । ପରିବାରର ଅଶାନ୍ତି ଓ ଅଶ୍ରାବ୍ୟ ଭାଷାର ପ୍ରୟୋଗ ଶିଶୁର ମନସ୍ତତ୍ତ୍ୱକୁ ନିଶ୍ଚିତ ରୂପରେ ପ୍ରଭାବିତ କରେ । ବୟସ୍କଙ୍କର ଦୁର୍ଗୁଣ ତା' ଅନ୍ତରାତ୍ମାକୁ କଳୁଷିତ କରେ ଓ ଏକ ବର୍ଣ୍ଣାଢ୍ୟ, ସୁରଭିତ ଭବିଷ୍ୟତରୁ ସେ ବଞ୍ଚିତ ହୋଇଯାଏ । ତେଣୁ ଶିଶୁର ଚରିତ୍ର ଗଠନରେ ସାବଧାନତା ନିତାନ୍ତ ଆବଶ୍ୟକ । ବ୍ୟକ୍ତିଗତ ଓ ପାରିପାର୍ଶ୍ୱିକ କାରଣ ଯୋଗୁ ହିଁ ଚରିତ୍ର ସ୍ଖଳନ ହୁଏ । ଚରିତ୍ରର ସ୍ଖଳନ ଦ୍ୱାରା ବ୍ୟକ୍ତି ଚରିତ୍ର କଳୁଷିତ ଓ ଦୁର୍ନୀତି ଗ୍ରସ୍ତ ହୁଏ । ଏହା ସମାଜ ଉପରେ କୁପ୍ରଭାବ ପକାଏ । ଚରିତ୍ରହୀନ ସମାଜ ନିର୍ମଳ ଜାତୀୟ ଜୀବନକୁ ନଷ୍ଟଭ୍ରଷ୍ଟ କରେ । କଥାରେ ଅଛି - "ବୁଡ଼ିଗଲା ଗୋଡ଼ ତଳକୁ ତଳକୁ" ।

ଚରିତ୍ର ଗଠନ ପାଇଁ ଆତ୍ମଚେଷ୍ଟା ସର୍ବାଦୌ ଅବଲମ୍ବନୀୟ । ମଣିଷ ନିଜକୁ ଯେଭଳି ପ୍ରସ୍ତୁତ କରେ, ତା'ର କାର୍ଯ୍ୟକଳାପରେ ସେଭଳି ଆଦର୍ଶ ପ୍ରତିଫଳିତ ହୁଏ । ଦୈନନ୍ଦିନ କାର୍ଯ୍ୟକଳାପ ଉନ୍ନତ ହେଲେ ଚରିତ୍ରର ବିକାଶ ସାଧନ ଘଟେ । ସୁଅଭ୍ୟାସ ଦ୍ୱାରା ଚରିତ୍ର ମାର୍ଜିତ ଓ ସଂଶୋଧିତ ହୁଏ । ସତ୍ୟ ପ୍ରତି ନିଷ୍ଠାଭ୍ୟାସ ଦ୍ୱାରା ଚରିତ୍ର ସଂସ୍କାର ଲାଭ କରିଥାଏ । ସତ୍ୟ ପ୍ରତି ନିଷ୍ଠା ଚରିତ୍ରୋନ୍ନତିର ମୂଳ କାରଣ । ଏହା ଚରିତ୍ରରେ ବିଶୁଦ୍ଧତା ଓ ନିର୍ଭୀକତା ଭରିଦିଏ । ଚରିତ୍ରବାନ୍ ହେବା ପାଇଁ ପ୍ରାର୍ଥନାର ଅବଦାନ ଅତି ମହାନ୍ । ସଜ୍ଜନ ସଂଗତି ଓ ସଦ୍‌ଗ୍ରନ୍ଥ ପଠନ ଉତ୍ତମ ଚରିତ୍ରର ବିକାଶ ପାଇଁ ସାହାଯ୍ୟକାରୀ ପ୍ରମାଣିତ ହୁଏ । ଆତ୍ମ ସମୀକ୍ଷା ବ୍ୟକ୍ତିର ଚାରିତ୍ରିକ ମହତ୍ତ୍ୱ ପାଇଁ ନିତାନ୍ତ ଆବଶ୍ୟକ । ଚରିତ୍ର ବିକାଶ ଦିଗରେ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ ଚରିତ୍ର ମଧ୍ୟ ପ୍ରଭାବିତ କରେ । ବିଦ୍ୟାଳୟ ଦୋଷଗୁଣ ସଂପନ୍ନ ବିବିଧ ଚରିତ୍ରର ସମାବେଶସ୍ଥଳୀ । ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ପାଇଁ ଗୁରୁ ଦାୟିତ୍ୱ ବହନ କରନ୍ତି । ବିଳାସ ବ୍ୟସନ, ସୁଖ ସମ୍ଭୋଗ ଓ ଔଦ୍ଧତ୍ୟ ମନୁଷ୍ୟକୁ ବାଟବଣା କରେ ଏବଂ ସେ ମହତ୍ ଚିନ୍ତାରୁ ଦୂରେଇଯାଏ । ପାରିପାର୍ଶ୍ୱିକସ୍ଥିତି ଦୂଷିତ ହେଲେ ଚରିତ୍ର ସ୍ଖଳନ ଘଟିବା ସ୍ୱାଭାବିକ ।

ଚରିତ୍ରବାନ ବ୍ୟକ୍ତି ମୁକୁଟର ମଣିସରୂପ । ନିଜର ଚରିତ୍ରର ପ୍ରଭାବରେ ସେ ଅନ୍ୟକୁ ପ୍ରଭାବିତ କରିଥାଏ । ଚରିତ୍ରବାନ୍ ବ୍ୟକ୍ତିର ସାନ୍ନିଧ ଲାଭକରି ସାଧାରଣ ଲୋକର ମନ୍ଦଗୁଣ ଦୂର ହୁଏ । ଦୟା, କ୍ଷମା, ସାଧୁତା, ତ୍ୟାଗ, ପରୋପକାର ସହିଷ୍ଣୁତା, ସତ୍ୟନିଷ୍ଠା ପରି ବିବିଧ ଗୁଣରେ ଅଳଙ୍କୃତ ହୋଇଥାଏ ଏକ ଚରିତ୍ରବାନ୍ ବ୍ୟକ୍ତି ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବା ତା'ର ନୈସର୍ଗିକ ପ୍ରକୃତି । ବ୍ୟକ୍ତି ବିଶେଷର ଚରିତ୍ରବାତ୍ତା ଦ୍ୱାରା ଜାତୀୟ ଚରିତ୍ର ପୁଷ୍ଟ ହୁଏ । ଏତଦ୍‌ଦ୍ୱାରା ଜାତୀୟ ଚରିତ୍ର ଓ ସଂସ୍କୃତିର ମହତ୍ତ୍ୱ ଅବଧାରିତ ହୁଏ । ପ୍ରତ୍ୟେକ ଜାତି ଚରିତ୍ରବାନ୍ ବ୍ୟକ୍ତିଙ୍କୁ ନେଇ ମହିମାନ୍ୱିତ ହୋଇଥାଏ । ଚରିତ୍ର ସ୍ଖଳନ ଓ ନୈତିକତାର ଅଧଃପତନ ଘଟିଲେ ଜାତିର ପତନ ଅବଶ୍ୟମ୍ଭାବୀ ହୁଏ ।

ସଚ୍ଚରିତ୍ର ବ୍ୟକ୍ତି ସମଗ୍ର ସଂସାରର ପୂଜ୍ୟ । ସେ ହେଉଛି ଜାତିର ସମ୍ପଦ । ଯେଉଁ ଜାତି ଯେତେ ଅଧିକ ଚରିତ୍ରବାନ୍ ଲୋକଙ୍କୁ ଜନ୍ମ ଦେଇଛି, ସେ ଜାତି ସେତେ ସୌଭାଗ୍ୟଶାଳୀ । ଜାତିର ବିକାଶ ପାଇଁ ସତ୍ ଚରିତ୍ର ହିଁ ଭିତ୍ତି ପ୍ରସ୍ତର ସ୍ଥାପନ କରେ । ଇତିହାସ ମଧ ଏହାର ସାକ୍ଷ୍ୟ ପ୍ରତିପାଦିତ କରେ । ତେଣୁ ପ୍ରତ୍ୟେକ ବ୍ୟକ୍ତି ସଚ୍ଚରିତ୍ର ହେବା ପାଇଁ ଉଦ୍ୟମ କରିବା ଉଚିତ୍ ।

ଇରିଗେସନ୍ କଲୋନୀ, ଭବାନୀପାଟଣା

# ଭିନ୍ନ ଏକ ପ୍ରେମ

- ବଳବନ୍ତ ସାହୁ

ସ୍ମୃତି ଭାବେ ଥିବା ବାପାଙ୍କ ହାତଲେଖା ଜାତକ ଅନୁଯାୟୀ ମୋ ଆୟୁଷ ଡାଏରିର ସତର ପୃଷ୍ଠା ସରି ଅଠର ପୂରିବା ଉପରେ ଆଉ ଅଳ୍ପ କିଛି ଧାଡ଼ି ଅଛି । ଭାବନାରେ ଏହା ଭାବି ଖୁସି ଲାଗେ ଯେ, ସାବାଳକ ହୋଇଯିବି, ଦେଶ ପାଇଁ ଭୋଟଟିଏ ଦେଇପାରିବି । କିନ୍ତୁ ସାଙ୍ଗେ ସାଙ୍ଗେ ଭାବନା ଦିଗ ପରିବର୍ତ୍ତନ କରେ ଓ କାଚ ଆଇନା ପରି ଭାଙ୍ଗିଯାଏ ଏ ସ୍ୱଚ୍ଛ ମନ ଭାବି ଆମ ଦେଶର ଏ ରାଜନୀତିକୁ ।

କର୍ମମୟ ବ୍ୟସ୍ତବହୁଳ ଜୀବନରେ ସମୟ ମିଳେ ନାହିଁ, ବହୁତ କଷ୍ଟ ସମୟ ଟିକେ ବାହାର କରି ଶାନ୍ତିରେ ବସିବାକୁ ହେଲେ । ତଥାପି ମଝିରେ ମଝିରେ ଟିଉସନ ବନ୍ଦ କରି ଚାଲିଯାଏ ନଈକୂଳକୁ ବସିପଡ଼େ ନଈମଝିରେ କଳା ଝିମ୍‌ଝିମ୍ ପଥର ଉପରେ ଆଉ ତା ପରେ ପରେ ସାଉଁଟି ଚାଲେ ଅତୀତର ସ୍ମୃତି ସବୁକୁ । କେଉଁଠି ରଙ୍ଗ ଭରି ଆହୁରି ଜୀବନ୍ତ କରାଏ ତ କେଉଁଠି ଅଧିକ ରଙ୍ଗ ଦେଇକି କରିପକାଏ କଦାକାର । ସବୁ ଏ ଭାବନା ବେଳେ ବେଳେ ତ ହୃଦୟ ଦୋହଲି ଉଠେ । ଚତୁଃପାର୍ଶ୍ୱ ନୀରବତାକୁ ଭାଙ୍ଗି ଦେଇ ଜୀବନ୍ତ ପ୍ରକୃତିକୁ ଶୁଣାଇଦେଇଯାଏ ତା ହୃଦୟର ସବୁ ଦୁଃଖକୁ । ଆଖିଦୁଇରୁ ଧାର ଧାର ଲୁହ ବହିଯାଇ ନଈ ପାଣିରେ ମିଶି ଚାଲିଯାଉଥାନ୍ତି ଆଗକୁ ଆଗକୁ ସତେକି ସମୁଦ୍ର ଅଭିମୁଖେ । ପ୍ରତି ଦଶପନ୍ଦର ଦିନରେ ଏହା ମୋର ଅଭ୍ୟାସ ବୋଧେ । କାହିଁକି କେଜାଣି ମନଟା ହାଲକା ହୋଇଯାଏ ପ୍ରକୃତି ଠାରୁ ସମବେଦନା ପାଇଲା ପରି ଅନୁଭବ ହୁଏ ।

ଏଇ କେଇଟା ବୟସରେ ଗୁଡ଼ାଏ ସ୍ମୃତି । ସତେକି ମୋର ମାନସିକ ଭାରସାମ୍ୟକୁ ଭାଙ୍ଗିଦିଏ ମଝିରେ ମଝିରେ । ଏବଂ ଏସବୁ ସ୍ମୃତିରୁ କଲେଜ ଜୀବନର ସ୍ମୃତି ଏକଦମ୍ ଭିନ୍ନ ଅଟେ । ସବୁ ସ୍ମୃତିକୁ ମନ ମଧ୍ୟରୁ ସାମୟିକ କାଢ଼ିହୁଏ ସତ କିନ୍ତୁ ଏ ସ୍ମୃତି ସ୍ୱତନ୍ତ୍ର । ଶତଚେଷ୍ଟା ପରେ ମଧ୍ୟ କନ୍ଦାଇ ପକାଏ ହୃଦୟକୁ ହଲେଇ ଦେଇଥାଏ ଏ ପାଞ୍ଚ ଫୁଟ୍ ସାତ ଇଞ୍ଚର ସୁସ୍ଥସବଳ ମଣିଷକୁ । ସମୟ ଯାହାବି ହେଉ ପରିସ୍ଥିତି ଯାହାବି ହେଉ ଏ ସ୍ମୃତି ଯଦି ମନ ମନ୍ଦିରରେ ଆସିଲା ତା ହେଲେ ସରିଗଲା ଏ ଯୁବ ମଣିଷକୁ କରିଦିଏ ଗୋଟେ ଶିଶୁ । ସତେକି ନିଜ ମା ଠାରୁ ଅଲଗା ହୋଇ ଖୋଜୁଛି ତା ମାଆକୁ । ହଁ ଖୋଜିବ ନାହିଁ କେମିତି ? କେମିତି ପାରିବ ଭୁଲି ? କେହି କଣ ଭୁଲିପାରିଛି ତା ପ୍ରଥମ ପ୍ରେମକୁ । ମନେପଡେ ତା କଲେଜ ଯିବାର ପ୍ରଥମ ଦିନର ସେ ଅଭୁଲା ସ୍ମୃତିକୁ । ମାଟ୍ରିକ ରେଜଲ୍ଟ ବାହାରିବା ପରଠାରୁ ଯେଉଁ କଲେଜ ଯିବାର ଖୁସି ରହିଥାଏ କଲେଜ ଯାଉଥିବାରୁ ସେ ଖୁସି ଦ୍ୱିଗୁଣିତ ହୋଇଯାଉଥାଏ । ବାପା ଚାଲିଯିବା ପରେ ପରିବାରର ଆର୍ଥିକ ସ୍ଥିତି ଠିକ୍ ନାହିଁ ସେଥିପାଇଁ ରେଞ୍ଜର ସାଇକେଲ ଟିଏ ମଧ୍ୟ ଯୋଗାଡ଼ କରି ପାରିନାହିଁ ତଥାପି ମନଦୁଃଖ ନାହିଁ ଲେଡିସ୍ ସାଇକେଲ ରେ ବି ଖୁସି । ଆଗେ କିଏ ପହଞ୍ଚିବ ସେଥିପାଇଁ ମୋ ସାଙ୍ଗ ରାଜୁ ସହ ଚାଲିଯାଏ ପ୍ରତିଯୋଗିତା । ମୁଁ ପେଡାଲ୍ ଗତି ବଢ଼ାଇବା ପାଇଁ ଚେଷ୍ଟା କରୁଥାଏ । ହଠାତ୍ ଚେନ୍ ଖୋଲିଗଲା ସାଇକେଲ ଗଡି ଗଡି ଯାଇ ଅଟକିଲା ଗୋଟିଏ ବୃଦ୍ଧ ନିମ୍ବ ଗଛ ପାଖରେ । ମୁଁ ଚେନ୍ ଲଗାଇ ସାଇକେଲରେ ଚଢ଼ୁ ଚଢ଼ୁ ଦେଖିଲି ଆଉ କେହି ଅଟକିଛି ତାର ମଧ୍ୟ ଠିକ୍ ସେ ଚେନ୍ ପ୍ରୋବ୍ଲେମ୍ । ମୁହଁ ଦେଖାଯାଉନଥିଲା କିନ୍ତୁ ଚକ ମଝିରୁ ଆଖି ଦୁଇଟା ସ୍ପଷ୍ଟ ଦେଖା ଯାଉଥିଲା ମୁଁ ଆଖି ଫେରାଇ ପାରୁନଥାଏ । ହଠାତ୍ ମୋ ଆଗରେ ରିକ୍ସା ହର୍ଣ୍ଣ ଶୁଣି ଆଗକୁ ଦେଖୁ ଦେଖୁ ଭାରସାମ୍ୟ ହରାଇ ପଡ଼ିଗଲି । ଉଠିଲି ଆଉ ତା ଆଡ଼କୁ ଦେଖିଦେଖି ରିକ୍ସା ବାଲାକୁ କହିଲି ସରି ଦାଦା । ସେ ହସିଦେଇ ନଜର ବଦଳାଇଦେଲା ମୁଁ ମଧ୍ୟ ଆଗକୁ ଚାହିଁଲି ଦେଖିଲି ରିକ୍ସାବାଲା ଟା ହସୁଛି । ଦୁଇଟି ହସ ଗୋଟାଏ ଥିଲା ମୋ ରାନୀର ଆଉ ଅନ୍ୟଟି ରିକ୍ସାବାଲାର । ଗୋଟିଏ କେଇଟା ସେକେଣ୍ଡରେ ଭୁଲି ହୋଇଗଲା କିନ୍ତୁ ଅନ୍ୟ ହସଟା ସ୍ମୃତିହୋଇ ରହିଗଲା ଛାତି ଭିତରେ ।

ଯଦିବି ମୁଁ କଲେଜରେ ପ୍ରଥମ ରେଙ୍କ୍‌ରେ ଥିଲି ତଥାପି ପ୍ରଥମ କରି ସହରକୁ ପଢ଼ିବାକୁ ଆସିଥିବାରୁ ସାମାନ୍ୟ ଡରି ବସିପଡ଼ିଲି ତୃତୀୟ ବେଞ୍ଚରେ ଏବଂ ଏହାର ଠିକ୍ ପାଞ୍ଚ ମିନିଟ୍ ପରେ ସେ ଆସିଲା । ଇତସ୍ତତଃ ଚାହିଁଲା ଆଉ ମତେ ଦେଖି ବସି ପଡ଼ିଲା ଝିଅ ପାର୍ଶ୍ୱରେ ତୃତୀୟ ବେଞ୍ଚରେ । ମୁଁ ତା ଆଡ଼କୁ ବାରମ୍ବାର ଦେଖୁଥାଏ ଆଉ ଅଧିକାଂଶ ସମୟରେ ଦେଖେ ସେ ମଧ ଦେଖୁଛି ମତେ । ମୁଁ ବାଳକୁ ଟିକେ ସେଟିଙ୍ଗ୍ କରି ଦେଲି ଆଉ ମୁହଁକୁ ମଧ । ରାଜୁର ନଜରରେ ଦୁଇ ତିନି ମିନିଟ୍ ତା ଆଡ଼କୁ ଦେଖିନଥିଲି ଆଉ ଯେତେବେଳେ ଦେଖିଲି ସେ ହସୁଛି । ତା ପୁଣି ଜୋରରେ, ଆଉ ମୋତେ ଇସାରା କରି । ମୁଁ ଆଉ ଟିକେ ମୁହଁକୁ ପୋଛିହୋଇ ଯେତେବେଳେ ଦେଖିଲି ତାକୁ ସେ ଇସାରା ଇସାରା ରେ କହିଦେଲା ମୋ ଗାଲରେ କ'ଣ ଲାଗିଛି । ମୁଁ ଦେଖିଲି ଚେନ୍‌ର କଳା ଲାଗିଥାଏ ଆଉ ସେ ହସୁଥାଏ ଏବଂ ଏହି ହସ ହିଁ ମୋ ହୃଦୟରେ ଦେଇଥିଲା ପ୍ରେମର ପ୍ରଥମ ଦସ୍ତଖତ । ତାକୁ ଚାହିଁ ଚାହିଁ ପ୍ରଥମ ଦିନର ସାତଟି ପିରିୟଡ୍ କେତେବେଳେ ସରିଗଲା, ଫେରିଲି କଲେଜ ରୁ ।

ଭାବୁଥାଏ ଏ ସ୍ମୃତିକୁ ଡାଏରିରେ ଲେଖିଲେ ଭଲହୁଅନ୍ତା । କିନ୍ତୁ ଡାଏରି କ'ଣ ମୋ ପାଖରେ ଥାଏ ବାହାର କରି ଆଣିଲି ଖାତାଟିଏ ଯାହାକି ନୋଟ୍ ଖାତା କରିବା ପାଇଁ ମାଆଙ୍କ ମଜୁରୀ ଟଙ୍କାରୁ ତିରିଶ ଟଙ୍କା ନେଇ କିଣିଥାଏ । ଗୋଟିଏ ନିଶ୍ୱାସରେ ଲେଖିପଡ଼ିଲି ପାଞ୍ଚ ପୃଷ୍ଠା । ରାତି ସାରା ମଧ ତାକୁ ହିଁ ଭାବି ଭାବି ଶୋଇପଡ଼ିଲି । ସକାଳେ ଉଠି ମାଆଙ୍କ ପାଟିରୁ ଶୁଣିଲି କଲେଜ ନେଇ ଯାଇ ହୁଏ ନୁଏଦ୍ ଇ ଖୁଏଣ୍ ଖୁଏଣ୍ ଆସୁଛେ । ମାଆ କୁ ହଁ କରିଦେଲି ସେ ଚାଲିଗଲା କାକାଙ୍କ ଜମିକୁ ପହ୍ଲାରୋଇ ଆଉ ମୁଁ ଚାଲିଲି କଲେଜ ଅଭିମୁଖେ । ପହଞ୍ଚି ଦେଖିଲି ସଡ଼ରେ ନଈ କୂଳ ଖାଉଛି । ନିରାଶ ହୋଇ ଫେରିଆସିଲି । ଭାଙ୍ଗିଗଲା ତା ସହ କଥା ହେବା ଆଶା ବୃଥା ହୋଇଗଲା ରାତିସାରା ଅଭ୍ୟାସ କରିଥିବା କଥାସବୁ ଯାହା ତା' ସହ କଥା ହୋଇଥାନ୍ତି ।

ତୃତୀୟ ଦିନ ମଧ ସେଇ ଏକା କଥା । ମାଆଙ୍କ ବାରଣ ସତ୍ତ୍ୱେ କଲେଜ ବାହାରିଲି ଆଉ ପହଂଚିଲି । କିନ୍ତୁ କଲେଜକୁ ନୁହଁ ନଈକୁ । ବଢ଼ିପାଣି ଦେଖି ପୁଣି ନିରାଶ ହୋଇ ଫେରିଲି । ତିନିଦିନ ହୋଇଯାଇଥାଏ ଥମିବାର ନାଁ ନାହିଁ ଝଡ଼ିବର୍ଷା ଆଉ ମୋ ମନେ ପ୍ରେମ ବର୍ଷା । ବହୁତ ଆଶା ନେଇ ଚାରିଦିନ ପରେ ପହଞ୍ଚିଲି କଲେଜକୁ କିନ୍ତୁ ଆଶାସବୁ ଆଶାରେ ରହିଗଲା, କାହିଁକି ନା ସେ କଲେଜ ଆସିନଥାଏ । ଏପରି ଗୋଟିଏ ସପ୍ତାହର ବ୍ୟବଧାନ ପରେ ଦୁହେଁ କଲେଜ ଆସିଲୁ କିନ୍ତୁ ମୁଁ ସାଇକେଲ ମରାମତି ପାଇଁ ରହିଗଲି ଫିଟରଙ୍କରେ । ତାର ଯିବା ଦେଖିଲି କିନ୍ତୁ ଦେଖିବା ଛଡ଼ା କିଛି କରିପାରିଲି ନାହିଁ । ସାଇକେଲ ମଧ ଶୀଘ୍ର ଠିକ୍ ହେଲା ନାହିଁ ଘଣ୍ଟା କଣ୍ଟା । ବଢ଼ିବଢ଼ି ପହଞ୍ଚି ସାରିଥାଏ ଏଗାର ପାଖକୁ । ପ୍ରଥମ ପିରିୟଡ ସରିଗଲା ସାଇକେଲ ଠିକ୍ ହେଲା । ମୁଁ ଚାଲିଥାଏ କଲେଜ ଅଭିମୁଖେ ଗୋଟିଏ ଆଶା ନେଇ ଦେଖିଲି ସେଇ ନିମ୍ବଗଛ ତଳେ ଠିକ୍ ସେଦିନ ପରି ସେ ସାଇକେଲ ଚେନ୍ ସଜାଡୁଛି । ମୁଁ ମୋ ବିନା ଅନୁମତିରେ ଅଟକିଯାଇ ତାକୁ ସାହାଯ୍ୟ କରିଲି । ଶେଷରେ ତା ଧଳା ରୁମାଲରେ ତା ହାତକୁ ସଫାକରି ହାତ ବଢ଼େଇ କହିଲା ଥ୍ୟାଙ୍କ୍ ୟୁ । ମୁଁ ମଧ ହାତବଢ଼ାଇ ଦେଲି କିନ୍ତୁ ହାତ ମିଳାଇ ହାତ ଆଣିବାକୁ ଇଚ୍ଛା ହେଉନଥାଏ ତଥାପି ହାତକୁ ଛାଡ଼ି ଦେଇ ପଚାରିଲି ତମ ନାଁ । ତା ପଦ୍ମପାଖୁଡ଼ା ପରି ଓଠକୁ ଖୋଲି କହିଦେଲା ରାନୀ । ମୁଁ ଭାବୁଥାଏ ସେ ମଧ ମୋ ନାମ ପଚାରିବ କିନ୍ତୁ କାହିଁକି କେଜାଣି ସେ କିଛି କହିଲା ନାହିଁ । ମୁରୁକି ହସିଟେ ଦେଇ ଚାଲିଗଲା । ଆଉ ମୁଁ ଚାଲିଗଲି କଲେଜ ଅଭିମୁଖେ । ତା'ପରେ ସମ୍ପର୍କର ବନ୍ଧ ଶକ୍ତ ହୋଇଆସିଲା, ସେ ଆସି ମୋ ସହ କଥା ହେଲା, ମୁଁ ଯାଇ ତା ସହ କଥାହେଲି ।

ଏ କଥାବାର୍ତ୍ତା ମଧରେ ମୁଁ ମୋ ମନରେ ଆସୁଥିବା ସବୁ ଭାବନାକୁ ସବୁ ଦୁଃଖକୁ ସବୁ ସୁଖକୁ ଗୋଟି ଗୋଟି କରି ତାକୁ କହିଦେଉଥିଲି କାହିଁକିନା ମୁଁ ମନେ ମନେ ତାକୁ ମୋ ମନର ରାଣୀ କରିସାରିଥାଏ । କିନ୍ତୁ ଗୋଟିଏ ଭାବନାକୁ ଡର ଢ଼ାଙ୍କି ପକାଏ କହିପାରେ ନାହିଁ ସେଇ ଭାବନାକୁ ଯେ ମୁଁ ତୁମକୁ ଭଲପାଏ । କି ଡର ଏ ପଦେ କହିବା ପାଇଁ ଏପରି କଥାବାର୍ତ୍ତା ମଝିରେ ଆମର ସମ୍ପର୍କ ଆହୁରି ଶକ୍ତ ହେଉଥାଏ । ଦିନେ ସେ ଘରକୁ ଡାକିଲା । ଦୁହେଁ ସାଥେ ଗଲୁ ଯାଇକି ସେ ଅଟକି କହିଦେଲା ସାଇକେଲ ଗେଟ ଭିତରେ ରଖ ମୁଁ ଦିଦିଙ୍କ ସହ କଥା ହୋଇ ଆସୁଛି । ମୁଁ ସାଇକେଲ ରଖିଦେଇ ତାକୁ

ଅପେକ୍ଷା କରିଥାଏ କିନ୍ତୁ ସେ ଆସିବାର ନାଁ ନାହିଁ । ଦେଖିଲି ସେ ନାହିଁ ଗଲା କୁଆଡ଼େ । ମୁଁ ଅସ୍ତବ୍ୟସ୍ତ ହୋଇପଡୁଥାଏ ମନ ମଧ୍ୟରେ ଅହେତୁକ ପ୍ରଶ୍ନର ଭିଡ଼ ବଢ଼ିବଢ଼ି ଆସୁଥାଏ । ଶେଷରେ ସବୁ ଦ୍ୱନ୍ଦ୍ୱ ଉଭେଇ ଗଲା ଯେତେବେଳେ ସେ ମୋତେ ଉଚ୍ଚ ସ୍ୱରରେ ଡାକ ଦେଲା । ମୁଁ ଗେଟରୁ ବାହାରି ଦେଖେ ସେ ଅନ୍ୟଏକ ଛୋଟ ଚାଳଗେଟ୍ ଖୋଲି ବାହାରୁଛି । ମୁଁ ବିଶ୍ୱାସ କରିପାରୁନଥାଏ  ଯେ ସେ ଏମିତି ଏକ ଛୋଟ ପରିବାରର । ତଥାପି ତାହା ଥିଲା ବାସ୍ତବ । ଏହା ପରେ ମୋ ପ୍ରେମଦୀପ ଦପ୍ ଦପ୍ ହୋଇ ଜଳିଯାଉଥିଲା ସତେକି କିଏ ଘିଅ ଢ଼ାଳିଦେଲା । ଦୁହିଁଙ୍କୁ ନେଇ ସାଙ୍ଗମାନେ କିଏ କେତେ କ'ଣ କୁହନ୍ତି । ମତେ ତା ନାଁ ଧରି ଥଟ୍ଟା ମଧ୍ୟ କରନ୍ତି, କିନ୍ତୁ ମୁଁ ସହିଯାଏ । ଦିନେ ସେ ଏହା ଜାଣିବାକୁ ପାଇଲା ତା ପରେ ସାମାନ୍ୟ ସଙ୍କୋଚ ନକରି କୋଡିଏ ପଚିଶ ଜଣ ପିଲାଙ୍କ ସାମ୍ନାରେ କହିଦେଲା ଆମେ ଦୁହେଁ ଫ୍ରେଣ୍ଡ୍ ତୁମେ ସବୁ ଯାହାବି କୁହ ଜଣେ ବେଷ୍ଟ ଫ୍ରେଣ୍ଡ୍ ଆଉ ଜଣେ ଫ୍ରେଣ୍ଡ୍‌ର କଥା ନିହାତି ବୁଝିପାରେ ତୁମେମାନେ ଆମର ଫ୍ରେଣ୍ଡ୍ ନୁହଁ କେବଳ କ୍ଲାସ୍‌ମେଟ୍ । ସେଠାରୁ ସେ ନାରାଜ ହୋଇ ଚାଲିଗଲା ମୁଁ କିନ୍ତୁ ରହିଗଲି । ଏଇ କିଛି ପଦକୁ ମୋ ପ୍ରେମ ପାଇଁ ନାଲି ସଙ୍କେତ ଭାବିନେଲି । କେତେବେଳେ ଲାଗୁଥାଏ ସେ ମଧ୍ୟ ମୋତେ ଭଲପାଏ ଆଉ କେତେବେଳେ ନା ସେ ମୋତେ ଭଲପାଏ ନାହିଁ ଭାବିଥାଏ ସାଙ୍ଗ ।

ମୁଁ ତାକୁ କହିଲେ ଠିକ୍ ହେବକି, ତା ମନରେ ମୋ ପ୍ରତି ଭଲପାଇବା ଅଛି କି ନାହିଁ । ଭଲପାଇବା ଠିକ୍ ନା ଭୁଲ୍ କଥାବାଉ ୍ । ହେଉଥିଲେବି ଏମିତି କିଛି ପ୍ରଶ୍ନର ଉ ଉ ର ଖୋଜୁଖୋଜୁ ସରିଗଲା ଗୋଟିଏ ବର୍ଷ । ତାକୁ ଭାବନା ରାଜ୍ୟରେ ହିଁ ରାଣୀକରି ରଖିପାରିଲି ଗୋଟିଏ ବର୍ଷ । ପରୀକ୍ଷା ସରିଲା ରେଜଲ୍ଟ ବି ଆସିଲା । ମୁଁ ଶୁଣି ଆଶ୍ଚର୍ଯ୍ୟ ହେଲି ସେ ଶୁଣି ଖୁସି । ମୁଁ ପ୍ରଥମ ହୋଇଛି ଆଉ ରାନୀ ଦ୍ୱିତୀୟ । ମତେ ବିଶ୍ୱାସ ହେଉନଥାଏ ମୁଁ ଫାଷ୍ଟ ହୋଇଛି । ରାନୀ ବହୁତ ଭଲ ପଢୁଥିଲା ସବୁ ଏକକ ପରୀକ୍ଷାରେ ଫାଷ୍ଟ ହେଉଥିଲା ମୁଁ ତ ପଢୁବିନଥିଲି, ମୁଁ ପୁଣି ଫାଷ୍ଟ୍ । ସେ ଫାଷ୍ଟ ନ ହେବାରୁ ମତେ ଦୁଃଖ ଲାଗୁଥାଏ କିନ୍ତୁ ରାନୀ ଖୁସିରେ ତିନିଥର କଂଗ୍ରାଚୁଲେସନ୍ କରିସାରିଥାଏ । ମୁଁ ପଚାରିଲି ତମେ କାହିଁକି ଖୁସି ଅଛ, ସେ ହସିକି ଉ ଉ ର ଦେଲା ଆରେ ନଜାଣିଲା ପରି ହେଉଛ କ'ଣ ତମେ ଫାଷ୍ଟ ଆସିଛ । ମିଠା କାହିଁ ମୁଁ ହସିଦେଲି ।

ଆରେ ହେଲେ ମୁଁ କ'ଣ ଭଲରେ ପଢ଼ିଛି ସବୁ ଆନୁମାନିକ ଲେଖିଥିଲି । ତମେ କେତେ ସୁନ୍ଦର ପଢୁଥିଲ ଆଉ କମ୍ ପାଇଲ ସେଥିପାଇଁ ଟିକେ ଦୁଃଖ ଲାଗୁଛି ମୁଁ ଉ ଉ ରରେ କହିଲି । ତା ପରେ ରାନୀ କହିଲା ପରିବାର ସମ୍ଭାଳି କେତେ ଦୁଃଖ କଷ୍ଟରେ ରହୁଛ ଏଣୁ ଏ ସବୁ ଭଗବାନଙ୍କ କୃପା । ଭଗବାନ ସବୁବେଳେ ଭଲ ଲୋକର ସାଥ ଦିଅନ୍ତି ରାନୀର ଚିନ୍ତାଧାରାକୁ ଦେଖି ଖୁସି ହେଲି । ଏମିତି ଏମିତି କଟିଗଲା ଦୁଇବର୍ଷ । ସରିଗଲା ଦୁଇ ବର୍ଷ । ପରୀକ୍ଷା ଆସିଲା ଦୁହେଁ ପାଖାପାଖି ପଢୁଥାଉ୍ । ସେ ସବୁଦିନ ଆଗେ ଆଗେ କହେ ଅଲ ଦ୍ ବେଷ୍ଟ୍ ଆଉ ମୁଁ ସେମ ଟୁ ୟୁ ଏମିତି ଭାବେ ବିତିଗଲା ଦୁଇବର୍ଷ କିନ୍ତୁ କହିପାରିଲି ନାହିଁ ସେ ଗୋଟିଏ କଥା ମୁଁ ତୁମକୁ ଭଲପାଏ । ରେଜଲ୍ଟ ବାହାରିଲା ସେଥିରେ ମଧ ମୁଁ ଫାଷ୍ଟ ହେଲି ଯାହାକି ମୁଁ ନ ଦେଖୁ ଦେଖୁ ରାନୀ ଫୋନ କରି ପ୍ରଥମେ କହିଥିଲା । ଦୁହେଁ ଲ୍ୟାପଟପ ପାଇବା ପାଇଁ ଭବାନୀପାଟଣା ଯାଇଥିଲୁ । ଦୀର୍ଘ ତିନିମାସର ଦୁଃଖ ଦରଦକୁ ସମ୍ଭାଳି ପାରିଲି ନାହିଁ । ଭାବିଲି ଆଜି ନିଶ୍ଚୟ କହିବି, ଦୁହେଁ ପାଖେ ପାଖେ ବସିଥାଉ ମୁଁ କହିବା ପାଇଁ ବାରମ୍ବାର ଚେଷ୍ଟା କରୁଥାଏ କିନ୍ତୁ ସେଇ ପଦେ ବାହାରୁନଥାଏ । ଲ୍ୟାପ୍‌ଟପ୍ ନେଇ ବସ୍ ଯୋଗେ ଫେରୁଥାଉ ଯେତେ ଦୂରତା କମି କମି ଆସୁଥାଏ ମୋ ମନର ଆଶା ମଧ କ୍ଷୀଣରୁ କ୍ଷୀଣ ହେଉଥାଏ । ପରିଶେଷରେ ସାହସ ଜୁଟାଇଲି ଆଉ କହିବାକୁ ଚେଷ୍ଟାକଲି କିନ୍ତୁ ପାରିଲି ନାହିଁ । ଶେଷରେ ଭାବିଚିନ୍ତି କାଗଜରେ ଲେଖି ଦେଇଦେଲି ।

ବସ୍‌ରୁ ଓହ୍ଲେଇ ଘରକୁ ଫେରୁଥାଏ ଫୋନ ରିଂ ହେଲା ଉଠାଇ କାନ ପାଖକୁ ନେଉ ନେଉ  ଆଇ ଆମ ଭେରି ଭେରି ସରି....। ପ୍ରତ୍ୟାଖ୍ୟାନ ଶୁଣି ମୋ ପାଟିରେ ତାଲା ପଡ଼ିସାରିଥାଏ ସେ ଆଶ୍ୱାସନା ଦେଇ କହୁଥାଏ ତୁମେ ଲେଟ୍ କରିଦେଲ କହିବାରେ ସରି ମୁଁ ରିଲେସନ ରେ ଅଛି ତମେ ଭଲ ପଢ଼ାପଢ଼ି କର... "ଇଟା କେ ନେଇକି ଟେନସନ ହୁଅନି" । ଯେହେତୁ ଭଲ ସାଙ୍ଗଟେ ଥିଲା ଠିକ୍ ବୁଝିପାରୁଥିଲା ମୋ ଦରଦକୁ ତା ବୋଲି ସାତ ମିନିଟ୍ ପର୍ଯ୍ୟନ୍ତ ଆଶ୍ୱାସନା ଦେଇଚାଲୁଥିଲା ଯଦିବା ମୁଁ ନିରବ

ଥାଏ । ଘରେ ପହ ଞ୍ଚି ଲ୍ୟାପଟପ ପାଇ ସମସ୍ତେ ଖୁସି ମୁଁ ଜାଣିଛି, ସେ ମୁହୂର୍ତ୍ତର ଦରଦକୁ ।

ଏପରି କିଛିଦିନର ପଶ୍ଚାତାପ ଓ ଦୁଃଖ ପରେ ନିଜକୁ ସାଧାରଣ ଅବସ୍ଥାକୁ ଆଣିସାରିଥାଏ । ସବୁଦିନ ପରି ବସିଥାଏ ସେଇ ସମ୍ପର୍କୀୟ ନଈର ପରିବେଶ ପାଖେ । ହଠାତ୍ ପଛପଟୁ କିଏ ହାତ ମାରଲା । ଦେଖିଲି ରାଜୁ । ବହୁତ ଦିନପରେ ଗାଁକୁ ଆସିଛୁ ମୋତେ ମଧ କଲ କଲୁନି ଏକା ଏକା ଆସି ବସିଛୁ । ରାଜୁ କହିଲା । ମୁଁ ହଁ ଏମିତି ବୋଲି କହୁ କହୁ ସେ କହିଲା ଏଇ ନେ ତୋ ପାଇଁ ଚିଠି ଆସିଥିଲା ରାନୀ ଠାରୁ । ମୁଁ ସପ୍ନରେ ଅନେକ କିଛି ଭାବିଥିଲି କିନ୍ତୁ ସେ ଚିଠିଟିଏ ପଠାଇବ ଭାବିନଥିଲି । ତାକୁ ପଢ଼ିଲି ଲେଖା ହୋଇଥିଲା ।

ମୋର ସବୁଠୁ ପ୍ରିୟ ସାଙ୍ଗ

ସବୁଠୁ ପ୍ରଥମେ କ୍ଷମା ଚାହୁଁଛି ଏ ଚିଠି ପାଇଁ । କାହିଁକିନା ତୁମେ ମତେ ଭୁଲିସାରିଛ ଆଉ ଏ ଚିଠି ପାଇଲା ପରେ ପୁଣି ତୁମକୁ କଷ୍ଟ ହେବ । ମୁଁ ଆଜିବି ସାଙ୍ଗ ହିସାବରେ ତୁମକୁ ବହୁତ ଭଲପାଏ ଆଉ ପାଉଥିବି ମଧ, ଆଉ ମୋତେ ପାଇନାହଁ ବୋଲି ଦୁଃଖ କରିବ ନାହିଁ । ମୁଁ କିଛି ନୁହଁ ତୁମକୁ ମୋ ଠାରୁ ଭଲ ଝିଅଟେ ମିଳୁ ଏତିକି ଭଗବାନଙ୍କ ଠାରେ ପ୍ରାର୍ଥନା । ମୁଁ ତ ଉଗ୍ରଚଣ୍ଡି.... ଆଉ ଆସନ୍ତା ମାର୍ଚ୍ଚ ମାସରେ ଏ ଚଣ୍ଡିର ବାହାଘର ଆସିବ..... କାର୍ଡ ପଠାଇବି ।

ପଢ଼ିଲା ପରେ ଭାବିପାରୁଥାଏ ତା ଭଲପାଇବାକୁ ତା ବନ୍ଧୁତ୍ୱକୁ । ସଙ୍ଗେ ସଙ୍ଗେ ରାଜୁ ଆଉ ଗୋଟିଏ ଚିଠି ଦେଲାଆଉ କହିଲା ଏ ଚିଠି ଲେଖି ମୁଁ ତୋ ଠିକଣାରେ ତାକୁ ପଠଇ ଦେଇଛି । ମୋ ଭାବନାକୁ କଳନା କରି ସେଇ ଚିଠିରେ ରାଜୁ ଲେଖିଥିଲା ।

ଛୋଟ ସମୟରୁ ପରିବାର ବୋଝକୁ କାନ୍ଧେଇଛି ଛୋଟ ସମୟରୁ ବାପାକୁ ହରାଇଛି, ଲୁହକୁ ଅମୃତ ଭାବିଛି କେତେ ଯେ ରାତି ଭୋକ ଉପାସରେ ଶୋଇଛି, ଟଙ୍କା ଟିଏ ପାଇଁ କ'ଣ ନା କ'ଣ କରିଛି । ଏଇ ଆଖିରେ ଦେଖିଛି ମାଆଙ୍କ ଉପବାସରେ ଶୋଇବା ତଥାପି ଅବଶୋଷ ନାହିଁ ଜୀବନରେ କାହିଁକିନା ଭଗବାନଙ୍କଠୁ ବଳି ମାଆ ଟେ ପାଇଛି ଆଉ ତା'ଠୁ ବଳି ମାନବିକତା ଗୁଣ ଟେ । କିଛି ନାଇଁ ମୁଁ ତୁମକୁ ଭୁଲ ବୁଝୁ ନାହିଁ । ମୋର ସବୁ ଭୁଲ ସାଙ୍ଗ ଜଣକୁ ଅଲଗା ନଜର ରେ ଦେଖିଲି । Sorry ତୁମେ ନୁହଁ ମୁଁ କହିବା କଥା, I am sorry.... sorry... very very sorry. Please invite me to your marriage. Take care and go forward than no one can touch you. I pray for your bright future."

ପଢ଼ି ସାରୁସାରୁ ଦୁଇ ଆଖିରୁ ଅଶ୍ରୁର ଧାର ବହିଯାଇ ନଈ ପାଣିରେ ମିଶିଯାଉଥାଏ ଏବଂ ମାଡ଼ି ଯାଉଥାଏ ଆଗକୁ ଆଗକୁ ସତେ କି ଅତଳ ସମୁଦ୍ର ଅଭିମୁଖେ....

ଭୂଷଲାର୍ଡ ସିନ୍ଧେକେଲା, ଟିଟିଲାଗଡ଼
ମୋ-୯୦୭୮୧୦୫୨୩୪

# ଗୁରୁଙ୍କୁ ନ ମଣିବ ନର

*- ଗୀତାଞ୍ଜଳି ନାୟକ*

ଆମେ ସମସ୍ତେ ମହାନ ଆର୍ଯ୍ୟଭୂମି ଭାରତ ମାତାର ସନ୍ତାନ । ଏହି ଭାରତ ବର୍ଷକୁ ଦେବଭୂମି, ବେଦଭୂମି ଓ କର୍ମଭୂମି ବୋଲି କହିଥାଉ । ଏଠାରେ ବହୁ ଜ୍ଞାନୀ, କବି ବୈଜ୍ଞାନିକ, ଲେଖକ, ଐତିହାସିକ ସମସ୍ତଙ୍କ ଜୀବନକୁ ଲକ୍ଷ କଲେ ଜଣାପଡ଼େ ସମସ୍ତଙ୍କ ପଛରେ ଜଣେ କେହି ପ୍ରଜ୍ଞାବାନ ପୁରୁଷ ଅଛନ୍ତି । ସେହି ଶ୍ରେଷ୍ଠ ଆସନର ଅଧିକାରୀ ହେଉଛନ୍ତି ଗୁରୁ, ତେଣୁ ଆମେ ଆମ ସଂସ୍କୃତିରେ ଗୁରୁଙ୍କୁ ଈଶ୍ୱରଙ୍କ ଆସନରେ ଆମେ ରଖି ଆସିଛୁ ।

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ

ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସାଙ୍ଗରେ ତୁଳନା କରାଯାଇଛି । କାରଣ ଗୁରୁ ଐଶ୍ୱରୀୟ ଶକ୍ତି ନେଇ ଧରାକୁ ଆସିଥାନ୍ତି । ଅନ୍ଧାରରୁ ଆଲୋକ ଦେଖାଇ ଥାନ୍ତି । ତାହାହେଲା ଜ୍ଞାନର ଆଲୋକ । ଅନ୍ଧାରରେ ରହିଲେ ଯେପରି ଆଖି ଥାଇ ମଧ୍ୟ ଆମେ କିଛି ଦେଖି ପାରୁନା ସେହିପରି ଯଦି ଆମେ ପାଠ ପଢ଼ିନଥିବୁ, ନାଁ ଆମେ ଦେଶବିଦେଶର ଭଲ, ମନ୍ଦ ଖବର ବୁଝିପାରିବୁ ନାଁ ରୋଜଗାର କ୍ଷମ ହୋଇପାରିବୁ । ବ୍ୟବସାୟ ହେଉ କି ଚାଷକାମ ହେଉ, ପାଠ ପଢ଼ିଲେ ତ ବ୍ୟବସାୟୀ ତାର ହିସାବ ରଖିପାରିବ । ଭଲ ଜିନିଷ ଭଲ ବ୍ରାଣ୍ଡ୍‌ର ପଢ଼ିକି କିଣି ପାରିବ । ଆଉ ଚାଷୀ ଟି ଗୋଟେ ଜାଗାରୁ ଆଉ ଗୋଟେ ସହରକୁ ବସ୍‌ରେ ତାର ଔଷଧ, ଚାଷ ଉପକରଣ କିମ୍ବା ସାର କିଣିବାକୁ ଗଲେ, ବସ୍ ଉପରେ ଲେଖାଥିବା ଜାଗାର ନାଁ ପଢ଼ି ପାରିବନି । ଚାଷି ତାର ସାର, ପୋକମରା ଔଷଧର ଭାଗମାପ, କେତେ ପରିମାଣର ପଡ଼ିବ ତାହା ନିଜେ ଜାଣିପାରିବ ନାହିଁ । ତେଣୁ ସବୁ ମଣିଷଙ୍କ ପାଇଁ ପାଠ ନିହାତି ଦରକାର । ଏସବୁ ଅନ୍ଧକାରକୁ ଦୂର କରିଥାନ୍ତି କେବଳ ଗୁରୁ । ଗୁରୁ ଆମ ଜୀବନକୁ ଜ୍ଞାନରୂପକ ଆଲୋକରେ ସଜେଇ ଦିଅନ୍ତି । ଆମ ମନ ଭିତରୁ ଅସାର ବସ୍ତୁଗୁଡ଼ିକୁ ବାହାର କରି, ସାର ବସ୍ତୁକୁ ଉପଦେଶ ମାଧ୍ୟମରେ ଆମ ମସ୍ତିସ୍କରେ ଜୀବନ ସାରା ପାଇଁ ଖଞ୍ଜିଦେଇ ଥାଆନ୍ତି । ଭଗବାନ ମସ୍ତିଷ୍କ ଦେଇ ଜନ୍ମ ଦେଇଥାନ୍ତି ସତ, ହେଲେ ଗୁରୁ ରୂପକ ଭଗବାନ, ଆମ ମନକୁ ସ୍ୱଚ୍ଛ ରଖିବା ପାଇଁ ସତ୍ୟ ପଥରେ ଚାଲିବା ପାଇଁ ଉ ତ୍ତ ମ ଚରିତ୍ର ଗଠନ ପାଇଁ ଗପ ମାଧ୍ୟମରେ ହେଉ କିମ୍ବା ଶାସନ ମାଧ୍ୟମରେ ହେଉ କିମ୍ବା ସ୍ନେହ ଆଦରରେ ହେଉ କେଉଁ ପିଲାକୁ କେଉଁ ଉପାୟରେ ତା ମସ୍ତିଷ୍କରେ ଭଲ ଚିନ୍ତା ଭଲଭାବନା ଜାଗ୍ରତ କରାଇବା ଏବଂ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଆପ୍ରାଣ ଚେଷ୍ଟା କରି ଥାନ୍ତି ।

ଦେଇ ପାରିବାନି ଗୁରୁର ମୂଲ୍ୟ
ଗୁରୁଙ୍କର ତ୍ୟାଗ ଅମୂଲ ମୂଲ ।
ନିସ୍ୱାର୍ଥରେ ସେବା କରି ଚାଲନ୍ତି,
ଭେଦ ଭାବ ମନେ କରି ନଥାନ୍ତି ।

ସୂର୍ଯ୍ୟ ଯେପରି ସମସ୍ତ ବୃକ୍ଷ, ଜଳ, ମନୁଷ୍ୟ ସମସ୍ତଙ୍କ ଉପରେ ସମାନ ଭାବରେ କିରଣ ପ୍ରଦାନ କରିଥାନ୍ତି । ସୂର୍ଯ୍ୟ ଭାବନ୍ତିନି ଏହା ନର୍ଦ୍ଦମା ପାଣି ମୁଁ ଏଥିରେ କିରଣ ପ୍ରଦାନ କରିବିନାହିଁ, କିମ୍ବା ଭଲ ଜଳରେ ଅଧିକ କିରଣ ପ୍ରଦାନ କରିବି । ଗୁରୁଙ୍କର ମଧ୍ୟ ଇଏ ଉଚ୍ଚଜାତିର କି ଧନୀ ଘରର ତାକୁ ଅଲଗା ପାଠ ପଢ଼େଇବି, ଆଉ ଗରିବ ଅଛୁଡ ପିଲାଟିକୁ କମ୍ ପଢ଼େଇବି, ସେମିତି ଭାବନା ଗୁରୁଙ୍କର ନଥାଏ । ସେ ସୂର୍ଯ୍ୟଙ୍କ ପରି ତାଙ୍କର ଜ୍ଞାନ ରୂପକ କିରଣକୁ ସମାନ ଭାବରେ ବାଣ୍ଟିଥାନ୍ତି ।

ଗୁରୁ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ପର ଭାବେ ସେ ବିଦ୍ୟାଦାନ କରିଥାନ୍ତି । ଗୋଟିଏ ପିଲା ପାଠ ପଢ଼ିଲା - ଡାକ୍ତର, ଇଞ୍ଜିନିୟର କି କଲେକ୍ଟର, ବୈଜ୍ଞାନିକ, ମିନିଷ୍ଟର ହେଲେ ଜୀବନ ସାରା କେତେ ରୋଜଗାର କରେ । ବାପା, ମା', ପିଲା ଛୁଆ କି ବନ୍ଧୁବାନ୍ଧବମାନେ ରୋଜଗାରର ଭାଗିଦାର ହୋଇଥାନ୍ତି । ଗୁରୁଙ୍କ ଅବଦାନ ଯୋଗୁଁ ଆମେ ଆଜି ଏତେ ବାଟ ଯାଇଥାଉ । ହେଲେ ଗୁରୁ କେବେ ବି ସେଥିରେ ଆଶା ରଖି ନଥାନ୍ତି । ଖାଲି ପେପରରୁ ମୋ ଛାତ୍ର ଆଇ.ଏ.ଏସ୍ ପାଇଛି କି ଡାକ୍ତରୀ ପାଇଛି ଶୁଣି ବହୁତ ଖୁସି ହେଇଥାନ୍ତି ଏବଂ ତାଙ୍କୁ ଆତ୍ମସନ୍ତୋଷ ଲାଗେ । ଗୁରୁ ଏତେ ନିସ୍ୱାର୍ଥପର ଯେ ଯଦି ନିଜ ପିଲାଟି ପାଠ ଟିକେ ବୁଝାଇ ଦିଅ ମୁଁ ବୁଝିପାରୁନି କୁହେ, ସେପଟେ ସ୍କୁଲ୍ ଟାଇମ୍ କି ଟିଉସନ୍

ଟାଇମ୍‌ଥିଲେ ଗୁରୁ ଟାଇମ୍ ହୋଇଗଲାଣି କହି ନିଜ ପିଲାକୁ ଛାଡ଼ି ସହ ସହ ପିଲାଙ୍କ ପାଇଁ ଟିଉସନ୍ କିମ୍ବା ସ୍କୁଲ୍‌କୁ ଚାଲି ଯାଆନ୍ତି । ଆସିଲା ବେଳକୁ ନିଜ ପିଲାଟି ପାଠ ନ ପଢ଼ି ଶୋଇ ପଡ଼ିଥିବ ଏବଂ ସକାଳେ ସ୍କୁଲ୍‌ରେ ମାଡ଼ ଖାଇଥାଏ । ସତରେ ସେ କେତେ ତ୍ୟାଗୀ, ତାଙ୍କର ତ୍ୟାଗର ମୂଲ୍ୟ କିଏ କ'ଣ କେବେ ଦେଇ ପାରିବ ? ଏହା କେବଳ ଈଶ୍ୱରଙ୍କ ଛଡ଼ା କେହି ବି କରିପାରିବେନି ।

ଗୁରୁ ଛୁଆଁ ବାଜି ହୋଇବ ଧନ୍ୟ
ଗୁରୁ ଆଶୀର୍ବାଦ ଆମର କାମ୍ୟ
ମନ ମନ୍ଦିରରେ କରିବ ପୂଜା
ଜୀବନେ ଉଡ଼ାଅ ବିଜୟ ଧ୍ୱଜା ।

ଆମେ ଠାକୁରଙ୍କ ପାଖକୁ ଗଲାବେଳେ ଦୋକାନୀ କୁ ମାଗିଥାଉ ନଡ଼ିଆ, କଦଳୀ, ଉଖୁଡ଼ା, ବେଲପତ୍ର ଇତ୍ୟାଦି ହେଲେ ସେହି ଜିନିଷ ଯେତେବେଳେ ଠାକୁରଙ୍କୁ ଅର୍ପଣ କରାଯାଏ ତାହା ଭୋଗରେ ପରିଣତ ହେଇଥାଏ ଏବଂ ବେଲପତ୍ର ଟି ଠାକୁରଙ୍କ ଉପରେ ଚଢ଼ିଲାପରେ ତାହା ପାଦୁକରେ ପରିଣତ ହେଇଯାଏ । ସେହିପରି ବାପା, ମା' ତାଙ୍କ ପିଲା ହରି, ରାମ, ଗୋପାଳ, ଶ୍ୟାମ ମଣିଷ ପିଲା ରୂପକ ଭୋଗକୁ ଈଶ୍ୱର ରୂପି ଗୁରୁଙ୍କ ପାଖରେ ସମର୍ପଣ କରିଥାନ୍ତି ବା ନାମ ଲେଖେଇ ଥାନ୍ତି । ଗୁରୁଙ୍କ ବିଦ୍ୟାରୂପକ ତୁଳସୀ ପିଲାଟି ଉପରେ ପଡ଼ିବା ପରେ ସେହିପିଲା ହରି ବଦଳରେ ଡାକ୍ତର ହରି, ରାମ ବଦଳରେ ଇଂଜିନିୟର ରାମ ଇତ୍ୟାଦିରେ ପରିଣତ ହେଇଥାନ୍ତି । ବିନା ଗୁରୁରେ ଏହା ଅସମ୍ଭବ ।

ଗୁରୁଙ୍କ ଭିତରେ ଭଗବାନଙ୍କର ଅନ୍ତର୍ନିହିତ ଶକ୍ତି ଲୁକାୟିତ ଅବସ୍ଥାରେ ଥାଏ । ଗୁରୁ ହେଉଛନ୍ତି ଜ୍ଞାନର ଭଣ୍ଡାର, ସେହି ଜ୍ଞାନ ଭଣ୍ଡାରରୁ ଛାତ୍ରଟିଏ ଜ୍ଞାନ ଆହରଣ କରି ରୋଜଗାର କ୍ଷମ ହୋଇଥାଏ ଏବଂ ଉଚ୍ଚ ପଦାଧିକାରୀର ଆସନରେ ବସିଥାଏ । ହେଲେ ସମସ୍ତେ କହନ୍ତି ଅମକ ପୁଅ ବଡ଼ ଅଫିସର ହେଇଛି, କି ସମକ ଗାଁ ରୁ ଗୋଟେ ପିଲା ଆଇଏଏସ୍ ପାଇଛି । ହେଲେ ସେହି ପିଲାଟିକୁ ନାଁ, ଗାଁ ଲୋକ ପାଠପଢ଼େଇଛନ୍ତି, ନାଁ ବାପା, ମା ପଢ଼େଇ ଛନ୍ତି ।

ଗୁରୁଙ୍କର ଅକ୍ଳାନ୍ତ ପରିଶ୍ରମ କୁଆଡ଼େ ଲୁଚିଯାଏ । ଗୁରୁଙ୍କର ନାଁ କିଏ କହୁ ନ କହୁ ସେ ବିଦ୍ୟାରତ୍ନକୁ ବାଣ୍ଟି ବାରେ ହିଁ ତାଙ୍କର ଆନନ୍ଦ ।

ଗୁରୁଙ୍କୁ ନ ମଣିବ ନର, ଗୁରୁହିଁ ସାକ୍ଷାତ୍ ଈଶ୍ୱର ।

ସମସ୍ତ ଛାତ୍ରଛାତ୍ରୀଗୁରୁଙ୍କୁ ସାମାନ୍ୟ ମଣିଷ ବୋଲି ଭାବିବା ଅନୁଚିତ୍ । କାରଣ ଗୁରୁଙ୍କୁ ସବୁବେଳେ ଈଶ୍ୱରଙ୍କ ଆସନରେ, ମନରେ, ବାକ୍ୟରେ, ହୃଦୟରେ ରହିବା ଦରକାର । କାହିଁ କେତେ ପୂର୍ବରୁ ଗୁରୁଙ୍କୁ ଛାତ୍ର ଭଗବାନଙ୍କ ଆସନରେ ପୂଜା କରି ଆସିଛି । ସେ ଏକଲବ୍ୟ ହୁଅନ୍ତୁ କି ଆରୁଣୀ ହୁଅନ୍ତୁ, ଭଗବାନ ମଧ ଧରା ପୃଷ୍ଠରେ ଜନ୍ମ ନେଇ ତାଙ୍କ ଗୁରୁଙ୍କୁ ତାଙ୍କର ଭଗବାନ ରୂପେ ପୂଜା କରିଥିଲେ । ଗୁରୁ ଆମର ଚିର ନମସ୍ୟ ।

ଆଜି କିନ୍ତୁ ଏହାର ବିଡ଼ମ୍ବନା ଦେଖା ଦେଉଛି । ଗୁରୁ ପୂଜା ପାଇବା ବଦଳରେ ଛାତ୍ରୀର ବାପା, ମା' ଗାଁ ଲୋକ ମିଶି ପିଟୁଛନ୍ତି । ଗୁରୁ ଏମିତି କେଉଁ ଘୃଣ୍ୟ କାମ କରୁଛନ୍ତି, ଯେ ପୂଜା ପାଇବା ଆସନରୁ ଖସି ଆସି ଚପଲ, ଗୋଇଠା ଖାଇବା ପାଇଁ ଯୋଗ୍ୟ ହେଉଛନ୍ତି ? ଆଜି ଈଶ୍ୱର ପଦରୁ କୋଉ ହିନ ପଶୁ ଆସନକୁ ତାଙ୍କୁ ନେଇ ଆସୁଛନ୍ତି । ଏହା ପ୍ରକୃତରେ ଆମ ଗୁରୁଜାତି ପାଇଁ ଗୋଟିଏ କଳଙ୍କ ନୁହେଁ କି ? ଗୁରୁ କେମିତି ଏତେ ହୀନ ହେବାକୁ ଚାହୁଁଛନ୍ତି । ପେପର୍ ଠୁ ଆରମ୍ଭ କରି ଟିଭି ନିଉଜରେ ଲୋକେ ଦେଖି ଗୁରୁଙ୍କ ଉପରୁ ଭରସା ତୁଟି ଯାଉଛି । ଆଉ ଯେଉଁ ଗୁରୁ ପ୍ରକୃତ ଆଦର୍ଶ ଗୁରୁ ଏବଂ ପୂଜାର ଯୋଗ୍ୟ, ସେମାନେ ନିଜକୁ ଟିଭିରୁ ଦେଖି ଭାବୁଛନ୍ତି । ସତରେ ଏହାକ'ଣ ସମ୍ଭବ ? ନିଜକୁ ନିଜେ ନିନ୍ଦା କରିବାରେ ଲାଗିଛନ୍ତି, ଗୁରୁ ଶବ୍ଦରେ କଳଙ୍କ ନ ଲାଗୁ । ଏହା ମଧ ସବୁ ଗୁରୁ ପ୍ରଥମେ ବିଦ୍ୟାଳୟକୁ ଯିବା ପୂର୍ବରୁ ଭାବିବା ଦରକାର । ଆଉ ବିଦ୍ୟାଳୟ ହେଉଛି ମା' ସରସ୍ୱତୀଙ୍କର ମନ୍ଦିର, ମନ୍ଦିରରେ ଭଗବାନ ଯଦି ନିଜେ ଅନ୍ୟାୟ, ଅନୀତି କରିବେ, ତେବେ ପାପ କଲେ ଲୋକ କେଉଁଠିକି ଯିବେ ? ସମସ୍ତ ଗୁରୁ ଭାବିବା ଦରକାର ଆମେ ଆମ ହୃଦୟକୁ ନିର୍ମଳ ରଖିବା ଦରକାର । ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆସନରୁ ଯେମିତି କେହି ବି କୁତ୍ସିତ ଆସନରେ ନ ବସାଏ । ସବୁ ଗୁରୁ ତ ଏମିତି ହୀନମନ ନେଇ ଆସି ନଥାନ୍ତି, ତେଣୁ ଜଣଙ୍କ ଯୋଗୁଁ ଗୁରୁ ଜାତିକୁ ଆଜି ଯେମିତି ନିଜକୁ ଦୋଷୀ, ଦୋଷୀ ପରି ଲାଗୁଛି । ଏହା ଯେମିତି ନ ହୁଏ, ନିଜକୁ ସଜାଡ଼ିବାକୁ ଗୁରୁମାନେ ଚେଷ୍ଟା କରିବା ଦରକାର ।

ନୂଆପଡ଼ା, ବାଲିସାହି,କଟକ

୦୦୦

# ବିଦେଶିନୀ

- ବନଲତା ସିଂହ

ମରାଳ ମାଳିନୀ ନିଳାମ୍ବୁ ଚିଲିକା । ତା'ରି ପାଖରେ ମାଣିକ ପାଟଣା ଗାଁ । ସଞ୍ଜ ନଇଁ ନଇଁ ଆସୁଛି । ଗୋଟିଏ ଗହଳିଆ ଲତା ବୁଦା ମୂଳରୁ ଚିଁ..... ଚିଁ..... ଶବ୍ଦଟି ଭାଷି ଆସୁଥିଲା । ପାଖରେ ଗୋଟିଏ ବଡ଼ ଗଛଡାଳରେ ମୟୂର ଟିଏ ବସିଥିଲା । ସେ ଚିଁ.... ଚିଁ.... ଶବ୍ଦଟି ଯେଉଁ ଠାରୁ ଆସୁଥିଲା ସେଠାକୁ ଯାଇ ଦେଖିଲା ଗୋଟିଏ ସୁନ୍ଦର ରଙ୍ଗ ବେରଙ୍ଗର ପକ୍ଷୀଯୁକ୍ତ ପକ୍ଷୀଟିଏ ତା'ର ନାଲିଆ ସୁନ୍ଦର ଥ    ମେଲାଇ ଚିଁ .... ଚିଁ .... ସ୍ୱରରେ କ'ଣ କହୁଛି । ମୟୂରକୁ ଦେଖି ଡରି କରି ଉଡ଼ି ଯିବାକୁ ଉଦ୍ୟତ ହେଲାବେଳକୁ, ମୟୂର କହିଲା ଡର ନାହିଁ, ମୁଁ ତୁମର କିଛି କ୍ଷତି କରିବିନି । ଆଚ୍ଛା ଏଥର କୁହ ତୁମେ କିଏ ? ଏଠି କ'ଣ କରୁଛ ? ପକ୍ଷୀଟି କହିଲା ମୁଁ ବିଦେଶିନୀ । ଆମେ ପ୍ରତିବର୍ଷ ଦଳ ଦଳ ହୋଇ ଚିଲିକାକୁ ଉପଭୋଗ କରିବାକୁ ଆସୁ । ଏଥର ମଧ୍ୟ ଆମେ ଆସିଥିଲୁ । ଆଜି ଏଠାରେ ପକ୍ଷୀ ଗଣନା ହେଉଥିଲା । ମୋତେ ଛାଡି ମୋ ଦଳ କେଉଁଆଡେ ଚାଲିଗଲେ । ମୁଁ ଏକୁଟିଆ ହୋଇଗଲି, ମୋତେ ଭାରି ଡର ଲାଗୁଛି ।

ମୟୂର କହିଲା ଡରନା, ଆସ ମୋ ଡେଣା ଉପରେ ବସ, ମୁଁ ତୁମକୁ ଭଲ ସୁରକ୍ଷିତ ସ୍ଥାନକୁ ନେଇଯିବି । ପକ୍ଷୀଟି ଭୟ ମିଶ୍ରିତ ଆନନ୍ଦରେ ମୟୂର ଡେଣାରେ ବସିଲା । ଆଉ ମୟୂର ଗଛର ସର୍ବୋଚ୍ଚ ସ୍ଥାନକୁ ନେଇଗଲା । ଡାଳରେ ଓହ୍ଲାଇ କିଛି ମିଠା ଫଳ ରଖିଥିଲା, ବିଦେଶିନୀକୁ ଖାଇବାକୁ ଦେଲା । ବିଦେଶିନୀ କୃତଜ୍ଞତା ପୂର୍ଣ୍ଣ ଆଖିରେ ଚାହିଁ ଧନ୍ୟବାଦ ଜଣାଇଲା । ମୟୂର କହିଲା ମୋତେ ଧନ୍ୟବାଦ କାହିଁକି ଦେଉଛ ? ପକ୍ଷୀଟି କହିଲା ମୋତେ ଗୋଟିଏ ବିପଦ ସ୍ଥାନରୁ ଉଦ୍ଧାର କରି ଏଠାରେ ସୁରକ୍ଷିତ ସ୍ଥାନରେ ରଖିଲ । ମୋତେ ନିଜ ଖାଦ୍ୟରୁ ଖାଇବାକୁ ଦେଲ, ଧନ୍ୟବାଦ ଦେବିନିତ ଆଉ କାହାକୁ ଦେବି ? ମୟୂର କହିଲା, ଦେଖ ବିଦେଶିନୀ.... ଆମେ ଓଡ଼ିଶାବାସୀ, ପରକୁ ସାହାଯ୍ୟ କରିବା ଆମର ସଂସ୍କାର ଓ ପରମ୍ପରା । ମୁଁ କେବଳ ମୋର କର୍ତ୍ତବ୍ୟ ପାଳନ କରିଛି । ଏଠାରେ ଜଙ୍ଗଲର ସରୀସୃପ ସହ ହିଂସ୍ରଜନ୍ତୁଙ୍କର ଭୟ ନାହିଁ । ତୁମେ ଆରାମରେ ଏଠାରେ ଶୋଇପଡ । ପକ୍ଷୀଟି କହିଲା ଆଚ୍ଛା ତୁମେ କିଏ ? ତୁମର ପରିଚୟ କ'ଣ ? ମୟୂର କହିଲା, ମୁଁ ହେଉଛି ମୟୂର । ବିଦେଶିନୀ ଆନନ୍ଦରେ ବିହ୍ୱଳ ହୋଇ ପଚାରିଲା, ତୁମେ ମୟୂର ! ତୁମେ ଭାରତର ଜାତୀୟ ପକ୍ଷୀ ! ତୁମ ପକ୍ଷ ଇନ୍ଦ୍ରଧନୁର ସାତ ରଙ୍ଗରେ ଚିତ୍ରିତ ? ତୁମେ ପୁଛ ଟେକି ନାଚ ? ଟିକିଏ ନାଚିଲ ମୁଁ ଦେଖିବି । ଏକା ସାଙ୍ଗରେ ଏତେ ଗୁଡିଏ ପ୍ରଶ୍ନର ଉତ୍ତର କ'ଣ ଦେବ ଭାବି ଖାଲି ହଁ ଟିଏ ମାରି ବସିଲା । ପକ୍ଷୀଟି ପୁଣି ଜିଦିକରି କହିଲା, ଟିକେ ନାଚ ନା... । ମୟୂର କହିଲା ଶୁଣ, ମେଘ ନ ଉଠାଇଲେ ମୁଁ ନାଚି ପାରେନା । ତୁମେ ଆଷାଢ଼ ମାସ ପର୍ଯ୍ୟନ୍ତ ରୁହ, ମୋ ନାଚ ଦେଖିବ, ଆଉ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନବକଳେବର ଉତ୍ସବ ଦେଖିବ । ପକ୍ଷୀଟି ଉଚ୍ଚ ସ୍ୱରରେ ଚିଁ... ଚିଁ.... ହୋଇ କହିଲା... ନାଇଁରେ ବାବା ମୁଁ ଯିବିନି । ମୁଁ ତ ବିଦେଶିନୀ ମୋତେ ମନ୍ଦିର ମନା । ଛୁଇଁବା ମନା । ମୁଁ କିପରି ଦର୍ଶନ କରିବି ? ପୁଣି ମାଡ ଖାଇବି, ନାହିଁ ମୋର ଦରକାର ନାହିଁ ।

ମୟୂର କହିଲା ସେହିତ ପ୍ରଭୁଙ୍କର ଲୀଳା । ମନ୍ଦିର ଭିତରକୁ ପରମ୍ପରା ବିରୁଦ୍ଧ କରୁଛି ବୋଲି ସେ ନିଜେ ବଡ଼ ଦାଣ୍ଡକୁ ଆସି ରଥ ଉପରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି । ପ୍ରଭୁଙ୍କର କ'ଣ ଜାତି ଅଜାତି ବାରଣ ଅଛି ? ଆମେ ଛୁଇଁବା ଉପରେ କାହିଁକି ଏତେ ଗୁରୁତ୍ୱ ଦେବା ? ଆମେ କ'ଣ ଆକାଶ, ପବନ, ସୂର୍ଯ୍ୟ, ଚନ୍ଦ୍ରଙ୍କୁ ଛୁଇଁ ପାରୁଛେ । ସେ କ'ଣ ଆମକୁ ତାଙ୍କ କୃପାରୁ ବଞ୍ଚିତ କରିଛନ୍ତି । ତାଙ୍କର ପ୍ରତିଦାନକୁ ଆମେ ଉପଭୋଗ କରୁଛୁ । ଆମ ଦେହରେ ବିଷୟା ବିଷର ଜୀବାଣୁ ଭର୍ତ୍ତି ହୋଇଅଛି । ଆମେ ତାଙ୍କ କୋମଳ ଶ୍ରୀ ଅଙ୍ଗକୁ କାହିଁକି ଜୀବାଣୁ କ୍ଲିଷ୍ଟ କରିବା ? ପକ୍ଷୀଟି ପଚାରିଲା..ଆଚ୍ଛା ପକ୍ଷୀରାଜ ଶ୍ରୀ ଜଗନ୍ନାଥଙ୍କୁ ଦାରୁ ଦେବତା କାହିଁକି କହନ୍ତି ? ମୟୂର କହିଲା ହଁରେ ବିଦେଶିନୀ ଓଡ଼ିଶାର ପାଣି ପବନ, ବାଲି, ମାଟି, କାଠ, ପଥର ସବୁ ଦେବତା । ସବୁକୁ ଖୋଜିଲେ ସବୁ ପଛରେ ଗୋଟିଏ ଲେଖା କିମ୍ବଦନ୍ତୀ ଅଛି । ଓଡ଼ିଶା ମାନେ ହିଁ କିମ୍ବଦନ୍ତୀ, ଓଡ଼ିଶା ଭାସ୍କର ଚାରୁକଳା, କୋଣାର୍କ ସପ୍ତ ଆଶ୍ଚର୍ଯ୍ୟ ଭିତରେ ଗୋଟିଏ ଆଶ୍ଚର୍ଯ୍ୟ । ଆମେ ଓଡ଼ିଆ, ଓଡ଼ିଶାରୁ ସ୍ନେହ, ମମତା, ଭାତୃ ସ୍ନେହ, ଭାଇଚାରା, ସଂସ୍କାର, ଆଚରଣ ସବୁ ଶିଖୁ ଓ ଶିଖାଉ । ଆମ ଓଡ଼ିଶାର ବୀରମାନେ ରକ୍ତ ଦେଇ ଓଡ଼ିଶାକୁ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ଶରଣାର୍ଥୀଙ୍କୁ ମଧ୍ୟ ସୁରକ୍ଷା ଦିଅନ୍ତି ।

ଏଠାରେ ଜଗନ୍ନାଥ ନିଜେ ମାନବୀୟ ଲୀଳା କରନ୍ତି । ଆଉ ସଂସାରକୁ ଶିଖାନ୍ତି । ବିଦେଶିନୀ କହିଲା ... ହଁ ପରା ଆମକୁ ଓଡ଼ିଶାର ସବୁ ଭଲଲାଗେ । ଓଡ଼ିଶାର ଐତିହ୍ୟ ପରମ୍ପରା ପ୍ରକୃତରେ ଶିକ୍ଷଣୀୟ । ଏଠି ପଥର ବି ଗୀତ ଗାଏ କଥା କହେ । ତୁମକୁ ପୁଣି ଥରେ ଧନ୍ୟବାଦ ଦେଉଛି.... କାରଣ ଏତେ ଭଲ କଥା ଶୁଣାଇ ମୋତେ ଏତେ ସାହାଯ୍ୟ କରିଲ । ତୁମକୁ ପୁଣି ଥରେ ଧନ୍ୟବାଦ । ମୁଁ ପୁଣି ଆଷାଢ଼ ମାସରେ ନାଚ ମଧ୍ୟ ଦେଖିବି । ମୟୁର କହିଲା ଆସ ମୋ ଡେଣା ତଳେ ଶୋଇପଡ଼ । କାଲି ତୁମେ ଦଳ ସହିତ ଚିଲିକାକୁ ଉପଭୋଗ କରି ପୁଣି ସ୍ୱଦେଶକୁ ଫେରିଯିବ । ବିଦେଶିନୀ ରାତ୍ରିଯାପନ କରି ତା ପରଦିନ ସକାଳୁ ଜୟ ଜଗନ୍ନାଥ କହି ଉଡିଗଲା ।

ଗଣ୍ଡରପୁର, ମୋ : ୮୭୬୩୯୬୬୧୦୩

# ଏଇତ ଆରମ୍ଭ

- ପାୟଲ ଜେନା

ବ ର୍ତ୍ତମାନ ଆଧୁନିକ ଯୁଗରେ "ପ୍ରେମ" ଶବ୍ଦ ଏକ ସାଧାରଣ ଶବ୍ଦ । ଯାହାର ସଂଜ୍ଞା ଯେ କେହି ବି ଦେଇପାରିବ । କିନ୍ତୁ ପ୍ରକୃତରେ ପ୍ରେମର ଅର୍ଥ ଆମେ ବୁଝିଥିଲେ ପ୍ରତିଦିନ ଖବର କାଗଜର ପୃଷ୍ଠା ଲେଉଟାଇଲେ ପ୍ରେମରେ ପ୍ରତାରଣା, ପ୍ରେମରୁ ହତ୍ୟା, ପ୍ରେମ ପାଇଁ ବଳାତ୍କାର ଆଦି ଖବର ବାହାରନ୍ତାନି କି ଆଜିର ଯୁଗରେ ସୋସିଆଲ ମିଡିଆରେ ପ୍ରେମରେ ଶିକାର ହୋଇ ଆତ୍ମହତ୍ୟା ଖବର ବି ପ୍ରଚାର ହୋଇନଥାନ୍ତା । ପ୍ରକୃତରେ ପ୍ରେମ ହେଉଛି ଏକ କଠିନ ପଥ । ଯେଉଁ ପଥରେ କେତେବେଳେ ପୁଷ୍ପରେ ସଜ୍ଜିତ ତ କେତେବେଳେ କଣ୍ଟକିତ । କେତେବେଳେ ଦୁଃଖମୋହିନୀ ତ କେତେବେଳେ ଯନ୍ତ୍ରଣାଦାୟକ । କେତେବେଳେ ସ୍ୱପ୍ନର ତାଜମହଲ ତ କେତେବେଳେ ବାସ୍ତବର ବାଲିଘର । ସେ ଯାହାବି ହେଉ ଆଜିର ତାରିଖରେ ପ୍ରକୃତ ପ୍ରେମ କରିବା ଏକ କଷ୍ଟକର ବ୍ୟାପାର । କାରଣ ସେ ଭଲପାଇବା ଭଲ ପାଇବା ନୁହେଁ ଯେଉଁ ଭଲପାଇବାରେ ଦୁହେଁ ଭଲପାଇ ଘରସଂସାର କରି ଅଧା ରାସ୍ତାରେ ଅନୁଭବ କରନ୍ତି ଯେ, ସେମାନେ ଭଲପାଇ ଭୁଲ୍ କରିଛନ୍ତି । ଏବଂ ଦୁହିଁଙ୍କ ମଧ୍ୟରେ ପାରିବାରିକ କଳହ ଏବଂ କଳହର ଶେଷ ସୀମା ଛାଡ଼ପତ୍ରରେ ଶେଷ ହୋଇଯାଏ । ଏହା କେବେ ପ୍ରେମ ହୋଇପାରେନି । ଏହା ଏକ ମନର ଭୁଲ୍ ବୁଝାମଣା ସହ ସମାନ । ଆଜିର ପ୍ରେମ ଯୁବପୀଢ଼ିଙ୍କ ମଧ୍ୟରେ ପାର୍କର କୌଣସି ଏକ ବୃକ୍ଷମୂଳରେ ଅଥବା ସିନେମା ହଲ୍‌ରେ ସୀମିତ । ଯାହା ପ୍ରେମର ପ୍ରକୃତ ଅର୍ଥର ବିପରୀତ । ପ୍ରେମ ହେଉଛି ଶାଶ୍ୱତ, ସୁନ୍ଦର ଯେଉଁଥିରେ ପାଇବାର ଆଶା ନରଖି ନିଜକୁ ପ୍ରେମିକର ଅଂଶ ଭାବିନେଇ ଦୁହିଁଙ୍କ ପାଇଁ ଦୁହେଁ ଗୋଟିଏ ପଥରେ ଅଗ୍ରସର ହେବା ଉଚିତ୍ । ଯାହା ବ ର୍ତ୍ତମାନ ଦୁନିଆରେ ଖୁବ୍ କମ୍ ମାତ୍ରାରେ ପରିଲକ୍ଷିତ । କିନ୍ତୁ ଏବେ ମଧ୍ୟ ପୃଥିବୀର କୌଣସି ଏକ କୋଣରେ ଲୁଚି ରହିଛି ସେହି ସାର୍ଥକ ପ୍ରେମ । ଯାହା ରାଧାକୃଷ୍ଣଙ୍କ ପ୍ରେମ ପରି ପବିତ୍ର, ଶାଶ୍ୱତ ନହୋଇପାରେ କିନ୍ତୁ ତାହା ଆଜି ତାରିଖରେ ପ୍ରେମରୁ ବହୁ ଉର୍ଦ୍ଧ୍ୱରେ ଯାହାର ସୁନ୍ଦର ଟିପ୍ପଣୀ ନିମ୍ନରେ ଦର୍ଶାଗଲା ।

ସମସ୍ତ ଝିଅପରି ସେ ବି ଦିନେ ଭାବୁଥିଲା ତା ମନରେ କେହିଜଣେ ଆସିବ । ଆଉ ତାକୁ ପାର୍କ ନବ, ରେଷ୍ଟୁରାଣ୍ଟ ନବ । ହଠାତ୍ ସେ ଝିଅ ପାଖରେ ସେ ଦିନ ଉପସ୍ଥିତ ହେଲା । ଝିଅଟି ତାର ଅଜାଣତରେ ତାର ଦୂର ସମ୍ପର୍କୀୟ ଏକ ପୁଅର ପ୍ରେମରେ ପଡିଗଲା । କିନ୍ତୁ ସେ ପୁଅଟି ମଧ୍ୟ ଅନ୍ୟ ଜଣକୁ ବହୁତ ଭଲ ପାଉଥିଲା । ଏ କଥା ଜାଣିବା ପରେ ଝିଅଟି ମନଦୁଃଖ ନିଶ୍ଚୟ କରିଥିଲା । କିନ୍ତୁ ତା ମନରୁ ପ୍ରେମ ଟିକିଏ ବି କମିନଥିଲା । ଏହି ତ୍ରିକୋଣୀୟ ପ୍ରେମ ବହୁଦିନ ଚାଲିଲା । ତା ଭିତରେ ଝିଅଟି ମନକୁ ପଥର କରି ସେ ପୁଅ ସହ ପ୍ରେମ ସମ୍ପର୍କ ରଖିବାରେ ବ୍ୟସ୍ତ ରହିଲା । ସେ ପ୍ରତିକ୍ଷା କରିଥିଲା ସେ ପୁଅକୁ । ସେ ନିଶ୍ଚିତ ଥିଲା ଯେଉଁ ପ୍ରେମରେ ସ୍ୱାର୍ଥ ନାହିଁ, ଆଶା ନାହିଁ ସେ ପ୍ରେମ ନିଶ୍ଚୟ ଦିନେ ନା ଦିନେ ତା ପାଖକୁ ଫେରିବ । ଏହିପରି ଦୁଇବର୍ଷ ପ୍ରତିକ୍ଷା କରିଥିଲା ସେ ମନରେ କେବଳ ସେ ପୁଅ କଥା ଭାବି ନିଜର ପ୍ରେମମୟ କଣ୍ଟକିତ ପଥରେ ଅଗ୍ରସର ହେଉଥିଲା । ସେ ପୁଅଟି ପାଇଁ ନିଜକୁ ଭୁଲିଯାଇଥିଲା । ଏପରି ଏକ ଦିନ ଆସିଲା ଯେଉଁଦିନ ସେ ପୁଅଟି ନିଜେ ଆସି ଝିଅର ପ୍ରେମର ଗୁରୁତ୍ୱକୁ ଅନୁଭବ କରିପାରି ତାର ପ୍ରେମକୁ ସ୍ୱୀକାର କଲା । ଏହି ସମୟଟା ଝିଅପାଇଁ ଥିଲା ଚିରସ୍ମରଣୀୟ । ସାରା ଦୁନିଆଟା ତାକୁ ରଙ୍ଗୀନ୍ ଲାଗୁଥିଲା । ସେ ପୁଅଟି ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ପୁଅଟି ଆଜିର ଏ ଆଧୁନିକ ସମାଜ ସହ ଅତି ନିବିଡ଼ ଭାବେ ଜଡିତ ଥିଲା । ସେ ଜାଣିଥିଲା ଏ ପ୍ରେମର ଶେଷ ବିବାହ ହୋଇପାରିବନି । ସେ ପୁଅ

କେବେ ବି ଦୁହିଁଙ୍କ ପରିବାର ଲୋକଙ୍କ ମନରେ ଅଶାନ୍ତି ଦେଇ ନିଜେ ଖୁସିରେ ଘର ସଂସାର କରିବାକୁ ଚାହୁଁନଥିଲା । ପୁଅଟି ମଧ ଝିଅଟିକୁ ଭଲ ପାଉଥିଲା କିନ୍ତୁ ସେ ଭଲପାଇବାରେ ପ୍ରକୃତ ମୂଲ୍ୟ ବୁଝିଥିଲା । ଏ ଦୁହିଁଙ୍କ ପ୍ରେମରେ ଝଗଡ଼ା ହୁଏ, ଏତଦ୍ ଦ୍ୱାରା ପ୍ରେମ ବଢ଼େ, ବ୍ରେକ୍‌ଅପ୍ ଶବ୍ଦ ଆସେନି । ଏ ପ୍ରେମରେ ଏକାକୀ ଦେଖାହୁଏ କେବଳ ଦୁହେଁ ଦୁହିଁକୁ ଦେଖି ସାମାନ୍ୟ ତୃପ୍ତି ପାଆନ୍ତି । କିନ୍ତୁ ଅନ୍ୟ ମନ୍ଦ ଉଦ୍ଦେଶ୍ୟ ନଥାଏ । ସେ ପୁଅ ଦୁନିଆର ପ୍ରଥା, ସମାଜର ଚାଲିଚଳଣିକୁ ବୁଝି ସେ ଝିଅଠୁ ଦୂରେଇ ଯିବାକୁ ଚାହୁଁଥିଲା । କାରଣ ସେ ଜାଣିଥିଲା ଯେତେ ଅଧିକା ପ୍ରେମ ବଢ଼ିବ ବିଛିନ୍ନ ସମୟରେ କଷ୍ଟ ମଧ ସେତେ ଅଧିକା ହେବ । କିନ୍ତୁ ସେ ଝିଅର ର୍ନିଲୋଭ ପ୍ରେମ  ପୁଅକୁ ଦୂରେଇବାକୁ ଦେଉନଥିଲା । କାରଣ ଯେଉଁ ପ୍ରେମ ହୃଦୟରେ ବସିଯାଇଥାଏ, ସେ ପ୍ରେମକୁ ହଠାତ୍ କାଢ଼ିଦେବା ସମସ୍ତଙ୍କ ପକ୍ଷରେ ଏତେ ସହଜ ହୋଇପାରେନା ଏବଂ ଯାହା ପାଖରେ ଏହା ସମ୍ଭବ ହୁଏ ତ ତା ପ୍ରେମ ମନକୁ ଜାଣିପାରିଥିଲା, କିନ୍ତୁ ହୃଦୟକୁ ନୁହେଁ । ସେ ଝିଅଟି, ପୁଅର ଭଲପାଇବା ଥିବା ଜାଣିପାରି ତା ପାଇଁ ଘରଛାଡିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ସେ ପୁଅଟି ଏଥିରେ ଏକମତ ନଥିଲା ଏବଂ ଝିଅଟିକୁ ବୁଝାଇଥିଲା । ଦୁହେଁ କୋର୍ଟମ୍ୟାରେଜ୍ କରି ଅଥବା ଘରୁ ଲୁଚି ବାହା ହୋଇ ଖୁସିରେ ଘରସଂସାର କରିପାରିବେ କିନ୍ତୁ କେବେ ଆତ୍ମତୃପ୍ତି ପାଇପାରିବେନି । କାରଣ ଦୁହିଁଙ୍କ ପରିବାର ହେଉଛନ୍ତି ପ୍ରେମ ବିରୋଧି ମନୋଭାବ ଥିବା ପରିବାର । ତେଣୁ ସେ ଏହି ପ୍ରେମକୁ ସ୍ୱୀକୃତି ପ୍ରଦାନ କେବେ ବି କରିବେନି । ଆଉ ପୁଅଟି ଝିଅଟିକୁ କହିଥିଲା ପରିବାର ମନରେ ଅଶାନ୍ତି ଦେଇ  କେବେବି ଶାନ୍ତିରେ ଜୀବନଯାପନ କରିପାରିବେନି । ଝିଅଟି ସତ୍ୟକୁ ସାମ୍ନା କରିବାକୁ ପ୍ରସ୍ତୁତ ନଥିଲା । କିନ୍ତୁ ସେ  ଅନୁଭବ କଲା ଯେ, ପ୍ରଥମରୁ ହିଁ ଈଶ୍ୱରଙ୍କୁ ତାର ଭଲପାଇବା ପାଇଁ ହାତଯୋଡ଼ି ଆସିଛି । ବାହାଘର ନିମନ୍ତେ ନୁହେଁ । ସେ ସର୍ବଦା ମନରେ ଠାକୁରଙ୍କୁ ଏତିକି ଡାକିଛି ଯେ  ପୁଅର ଭଲପାଇବା ଟିକକ ତାକୁ ମିଳୁ,  ସେ ପୁଅର ସାରାଜୀବନ ନୁହେଁ ।  କାରଣ ସେଇ କିଛିବର୍ଷର ଭଲପାଇବାର ସ୍ମୃତି ତା ପାଇଁ ଯଥେଷ୍ଟ ଜୀବନଯାପନ ନିମନ୍ତେ । ସେ ମଧ ଜାଣିଛି ନିଜ ପରିବାର ଠୁ ଉର୍ଦ୍ଧ୍ୱରେ କୌଣସି ପ୍ରେମିକ ହୋଇ ନପାରେ । ସେ ମଧ ବୁଝିଛି ଏକାସାଥିରେ ରହିବାରେ କେବଳ ପ୍ରେମ ବଢ଼ିନଥାଏ । କିଛି ପ୍ରେମ ବିଛିନ୍ନତାରେ ହିଁ ବଢ଼ିଥାଏ । ଏହା କଷ୍ଟ ଏବଂ ଯନ୍ତ୍ରଣାଦାୟକ ନିଶ୍ଚିତ । କିନ୍ତୁ ପ୍ରକୃତ ପ୍ରେମର ଯଥାର୍ଥ ସାର୍ଥକ ନିମନ୍ତେ ଉପଯୁକ୍ତ । ଏହିପରି ଭାବେ ସେମାନେ ନିଜର ଜୀବନ ପଥରେ ଅଗ୍ରସରଥିଲେ । ଦୁହେଁ ପରସ୍ପର ସହ ପ୍ରତିଦିନ କଥା ହେଉଥିଲେ । କିନ୍ତୁ କେବେବି ପୁଅଟି ଝିଅପ୍ରତି ଥିବା ଭଲପାଇବା ଗଭୀର ଭାବେ ପରିପ୍ରକାଶ କରିପାରେନି କାରଣ ସେ ପ୍ରଥମ ପ୍ରେମ ହରାଇଛି ଏବଂ ସେ କେବେବି ଚାହୁଁନଥିଲା ଏ ସୁନ୍ଦର ପ୍ରେମ ପାଇଁ ସେ ପୁନର୍ବାର ସେ କଷ୍ଟର ସାମ୍ନା କରୁ କି ସେ ଝିଅ ମଧ ଏ କଷ୍ଟର ସାମ୍ନା କରୁ । ତେଣୁ ସେ ନିଜର ପ୍ରେମକୁ ନିଜ ମନଭିତରେ ହିଁ ବନ୍ଦକରି ରଖିଥିଲା  ଏବଂ ଏପରି ଏକ ସମୟ ଉପସ୍ଥିତ ହେଲା ଦୁହିଁଙ୍କ ବିଛିନ୍ନ ହେବାର ଘଟଣା ଚର୍ତୁଃଦିଗରେ କମ୍ପିତ ହେଲା । ଝିଅଟି ସେ ବିଛିନ୍ନତାର ଘଟଣାରେ ଅଧିର ହୋଇପଡୁଥିଲା । କାରଣ ସେ ପୁଅ ବିନା କେମିତି ବଞ୍ଚିବ ଭାବି ଚର୍ତୁଃଦିଗ ତାକୁ ଅନ୍ଧାକାରମୟ ଲାଗୁଥିଲା । ଏସବୁ ଭିତରେ ତାର ପୂର୍ବସ୍ମୃତିସବୁ ତା ଆଖିରେ ନାଚି ଉଠୁଥିଲା । ସେ କିପରି ସେ ପୁଅକୁ ଭଲପାଉଥିଲା ଏବଂ ଭଲପାଇବା ପାଇଁ କ'ଣ ସବୁ କରିଥିଲା ଏବଂ ଦୁହିଁଙ୍କର ସେହି ମଧୁର ସମୟ ତାକୁ ତାର ବିବ୍ରତ ମନରେ ଶାନ୍ତି ପ୍ରଦାନ କରୁଥିଲା । ସେ ସେହି ସ୍ମୃତିକୁ କେବେ ମନରୁ ଲିଭିବାକୁ ଦବନି । ସେ ଚିରପ୍ରତିଜ୍ଞାବଦ୍ଧ ଥିଲା । ସେ ଭଲପାଉଥିବା ପୁଅ ବିନା ବଞ୍ଚିପାରିବ କିନ୍ତୁ ସେ ପୁଅର ଭଲପାଇବା ବିନା ନୁହେଁ ଏବଂ ଯାହା ସେ ପୁଅଟି ତାକୁ ଦେଇସାରଚି ।  ଅନ୍ୟପଟେ ପୁଅଟି ମଧ ବିଛିନ୍ନକୁ ହଠାତ୍ ନିଜର କରିପାରି ନଥିଲା । କାରଣ ସେ ଝିଅଟି ତା ଭଲପାଇବାର ଶକ୍ତିରେ ତାର ହୃଦୟର କୌଣସି ଏକ କୋଣକୁ ଜିଣିସାରିଥିଲା । କିନ୍ତୁ ପୁଅଟି ଉଭୟ ପରିବାରକୁ ଦେଖି ଏବଂ ସେ ଝିଅର ଖୁସି ପାଇଁ ଝିଅଟିକୁ ଛାଡ଼ିବାକୁ ପ୍ରସ୍ତୁତ ହୋଇଗଲା କିନ୍ତୁ ସେ ବି ନିଶ୍ଚିତ ଥିଲା ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଝିଅଟିର ନିର୍ଲୋଭ

ପ୍ରେମକୁ ଭୁଲିପାରିବନି, ଏହିପରି ଭାବରେ ଦୁହିଁଙ୍କ ମଧୁର ପ୍ରେମର ଯନ୍ତ୍ରଣାଦାୟକ ଅନ୍ତ ହେଲା ।

କିନ୍ତୁ ଝିଅଟି ଭାବିଲା "ଇଏ ଅନ୍ତ ନୁହେଁ, ଏଇତ ପ୍ରେମର ଆରମ୍ଭ" କାରଣ ବିଛିନ୍ନ ପରେ ମଧ ଭଲପାଇବାକୁ ମନରେ ରଖି ଆଗକୁ ବଢ଼ିବା ହିଁ ପ୍ରେମର ଆରମ୍ଭ । ଏ ପ୍ରେମ ସଫଳ ପ୍ରେମ କାହାଣୀ ହୋଇନପାରେ କିନ୍ତୁ ପ୍ରେମର ପ୍ରକୃତ ପଥକୁ ଚରିତାର୍ଥ କରୁଅଛି । ଉଭୟ ଉଭୟଙ୍କଠୁ ଦୂରେଇ ଯାଇଛନ୍ତି କିନ୍ତୁ ତାଙ୍କର ପ୍ରେମ ଅଧିକ ନିକଟତର ହୋଇଯାଇଛି । ଏହି କାହାଣୀ ପାଠକ ପାଠିକାମାନଙ୍କୁ ସୁଖ ପ୍ରଦାନ କରିନପାରେ କିନ୍ତୁ ଆଜିର ଦୁନିଆରେ ପ୍ରେମର ପ୍ରକୃତ ଅର୍ଥକୁ ଯଥାର୍ଥ୍ୟ ପ୍ରଦାନ କରିପାରିବ । କାରଣ ଏପରି ପ୍ରେମର ଅନ୍ତ କେବେ ହୋଇନପାରେ । ଏ ପ୍ରେମ ଅମର ହୋଇ ରହିବ ଦୁହିଁଙ୍କ ମନ ଭିତରେ । ଝିଅଟିର ମନରେ ତା'ର ପ୍ରେମିକ ଠୁ ଦୂରେଇବାର କଷ୍ଟ ଥାଏ । କିନ୍ତୁ ସେ ପ୍ରତିଜ୍ଞାବଦ୍ଧ ଥିଲା ତାକୁ ଜୀବନରେ ଆଗକୁ ବଢ଼ିବାକୁ ହେବ, ନିଜ ପାଇଁ କିଛି କରିବାକୁ ହେବ । କାରଣ ଏହା ହିଁ ସେ ପୁଅର ଇଛାଥିଲା । ସେ ପୂର୍ବରୁ ମଧ ପୁଅର ଖୁସି ନିମନ୍ତେ ସବୁ କରୁଥିଲା । ସେହିସମୟରେ ଆଶା ରଖିଥିଲା ପୁଅର ପ୍ରେମ ଟିକକ ପାଇବ ଏବଂ ଏବେ ମଧ ସେ ପୁଅର ଖୁସି ପାଇଁ ତା ଠାରୁ ଦୂରେଇ ଯିବ ଓ ଆଶା ରଖିବ ଏ ପ୍ରେମଏହିପରି ତା ମନରେ ଚିରଦିନ ପାଇଁ ରହୁ । ଝିଅଟି ଜାଣିଥିଲା ଆଗର ଜୀବନରେ ହୁଏତ, ଦୁହେଁ ଆଉ ପରସ୍ପରକୁ ଦେଖିପାରିବେନି କିନ୍ତୁ ପ୍ରତିଦିନ ରାତିରେ ସେ ପୁଅ ତାର ଭାବନାରେ ଆସି ତା ଭଲପାଇବାକୁ ପ୍ରତିଦିନ ଜାଗ୍ରତ କରିଦେବ । ଝିଅଟି ମନେ ମନେ ଭାବିନେଇଥିଲା ଜୀବନରେ ହଜାର ଭଲପାଇବା ମିଳୁପଛେ ତା ସ୍ଥାନ କେହି ନେଇପାରିବେନି । କାରଣ ଜଣଙ୍କଠୁ ଦୂରେଇଗଲେ ଜୀବନ ସରିଯାଏନି କିନ୍ତୁ ହଜାର ଜଣ ମିଳି ଗଲେବି ସେହି ଜଣଙ୍କର ଉପସ୍ଥିତି ଭୁଲି ହୁଏନି । ସେ ବି ମନରେ ଭାବିନେଇଚି ଏମିତି ପୁଅଟିକୁ ତାର ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ଭଲପାଉଥିବ । ଏବଂ ଭଗବାନଙ୍କୁ ଡାକୁଥିବ ଏ ଜନ୍ମରେ ନହେଲା ନାହିଁ ଯଦି ପୁର୍ନଜନ୍ମ ଥାଏ ତେବେ ନିଶ୍ଚୟ ଆର ଜନ୍ମରେ ପୁଣି ଥରେ ତାର ପ୍ରେମିକା ବନେଇ ଦିଅ । କାରଣ ସେ ସେହି ସମୟ ପର୍ଯ୍ୟନ୍ତ ହାରିବନି ଯେଉଁ ପର୍ଯ୍ୟନ୍ତ ନିଜେ ଭଗବାନ ତାର ପ୍ରେମ ପାଖରେ ହାରି ନାହାଁନ୍ତି ।

ପ୍ରକୃତରେ ଏ ଭଲପାଇବାରେ ହୁଏତ ସୁଖ ନାହିଁ କିନ୍ତୁ ଆତ୍ମତୃପ୍ତି ଅଛି । ଯାହା ପାଠକ ପାଠିକାଙ୍କ ମନରେ ଆଜିର ଏ ସ୍ୱାର୍ଥ ଜର୍ଜରିତ ଦୁନିଆ ମଧରେ ଏମିତିବି ଏକ ପ୍ରେମ ଅଛି ଯାହା ସ୍ୱର୍ଗୀୟ, ଏହାର ଉକ୍ତି ଯଥାର୍ଥ ଭାବେ ପ୍ରତିପାଦିତ କରିବ । ଏହା ନିଃସନ୍ଦେହ । Because true love is a never ending story actually the story starts from here.

"ସ୍ଥୂଳକଳେବର ନୁହଇ ଅମର

ଅମର କେବଳ ମନ,

ମନଯଦି ସଙ୍ଗ ହୋଇନାହିଁ ଭଙ୍ଗ

ସେହି ସୁଖ ସୁଖେ ଗଣ୍ୟ ।"

(ତପସ୍ୱିନୀ, ଗଙ୍ଗାଧର ମେହେର)

ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

# ପାଗଳ

- ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

କାମନା ମଣିଷକୁ ଆତ୍ମବିଭୋର କରାଏ । ସୁଖର କୁଞ୍ଜବନ ମଧ୍ୟରେ ଅମରାବତୀର ସ୍ୱପ୍ନଦେଖାଏ । ବାସନାରେ ଆହ୍ଲାଦିତ ହୋଇ ମଣିଷ ଅହର୍ନିଶି ମଧୁକୁଞ୍ଜମାନ ଗଢ଼େ, ସ୍ୱପ୍ନରେ ବିଭୋର ହୁଏ । ମାୟା ମୋହ ଭିତରେ ଆତ୍ମତୃପ୍ତି ଅନୁଭବକରେ । ଯାହା କ୍ଷଣିକ ଜାଣି ମଧ ମଣିଷ କାମନା ବାସନା ମୋହ ମାୟା ମଧ୍ୟରେ ଆତ୍ମ ନିମଗ୍ନ ହେବାକୁ ଭାରି ଭଲ ପାଏ । କିନ୍ତୁ ମନଭିତରୁ ଥରେ ଯଦି ଏହି କାମନା ବାସନା ଅପସରି ଯାଏ ତା'ର ମନ ଚଞ୍ଚଳ ନହୋଇ ହୁଏ ସ୍ଥିର । ସ୍ୱପ୍ନରେ ବିଭୋର ନହୋଇ ହୁଏ ଶାନ୍ତ । ସବୁଗୁଡିକ ତା ପାଇଁ ସ୍ଥିର, ସମାନ, ଅଚଞ୍ଚଳ, ଶାନ୍ତ, ସ୍ନିଗ୍ଧସରଳ ପରି ମନେ ହୁଏ । ନିଜକୁ ନିଜେ ଜାଣିବାର ଶକ୍ତି ମଧ ଯଦି ମଣିଷ ହରାଇ ବସେ ସେ ମଧ ଶାନ୍ତ, ସ୍ନିଗ୍ଧ, ସରଳ ଚରିତ୍ରଟିଏ ହୋଇଯାଏ । ନା ମନରେ ଥାଏ ଅହଙ୍କାର ନା ବିକାର ।

ଛାତ ଉପରେ ବସି ପ୍ରକୃତିର ରୂପଲାବଣ୍ୟକୁ ଉପଭୋଗ କରୁଛନ୍ତି ବିଚିତ୍ରାନନ୍ଦ ବାବୁ । ଫୁଲ କୁଣ୍ଡରେ ଫୁଟିଥିବା ଫୁଲ ଗୁଡ଼ିକ ପବନର ମନ୍ଦ ମନ୍ଦ ସ୍ପର୍ଶରେ ଦୋଳାୟିତ ସେମାନେ । ପାଦରେ ବନ୍ଧନ ଅଛି କାରଣ କୁଣ୍ଡର ସୀମିତ ପରିବେଷ୍ଟିନୀରେ ବାନ୍ଧିହୋଇଛନ୍ତି ତଥାପି ମନରେ ଉତ୍‌ଫୁଲିତ ଭାବ । ଫୁଲ କୁଣ୍ଡରେ ଫୁଟିଥିବା ଲାଜକୁଳୀ ଗୋଲାପ ଉପରୁ ଆଖି ଫେରାଇ ନେଲାବେଳେ ଆଖି ପଡିଲା ଖୋଲା ରାସ୍ତାରେ ଦୋଛକି ଉପରେ ବସିଛି ପାଗଳଟିଏ । ପରିତ୍ୟକ୍ତ ପୋଷାକ, ଅପରିଷ୍କାରର ଦାଗ, ଉପରେ ଆସନା ଚିରା ସାର୍ଟଟିଏ ଦେହରେ ଅପରିଷ୍କାର ଘୋଡଣୀ, ବାଳଗୁଡ଼ିକ ଲମ୍ବା ଲମ୍ବା, ହାତ ଗୋଡ଼ ଓ ସମଗ୍ର ଶରୀରଟି ଅପରିଷ୍କାରରେ ଆଚ୍ଛାଦିତ । ସମଗ୍ର ଶରୀରରେ ରହିଛି ଅସ୍ୱାଭାବିକତା କିନ୍ତୁ ପାଗଳର ମନଟା ପୁରା ଶାନ୍ତ ନା ଅଛି ଅହଙ୍କାର ନା ବିକାର । ନିର୍ବିକାର ଭାବେ କୁକୁରଟି ଡ୍ରେନ୍ କଡ଼ରେ ପଡିଥିବା ଖାଦ୍ୟ ଗୁଡ଼ିକୁ ଖାଉଥିବା ବେଳେ ପାଗଳ ମଧ ତା' ଠାରୁ ବଳିଥିବା ସେହି ଖାଦ୍ୟ ଗୁଡ଼ିକୁ ଖାଇ ଲାଗିଛି ମହାତୃପ୍ତିରେ । ମୁଁ ଅନୁଭବ କରୁଥାଏ, ଯେଉଁ ଆତ୍ମତୃପ୍ତି ମୁଁ ପାଇପାରୁନି ଫୁଲଦାନୀ ସଜାହୋଇଥିବା ଡାଇନିଙ୍ଗ୍ ଟେବୁଲ୍ ଉପରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟାଞ୍ଜନ ସବୁ ଖାଇବା ଭିତରେ କିନ୍ତୁ କୁକୁର ସାଥିରେ ଡ୍ରେନ୍ କଡରୁ ଆବର୍ଜନା ଭିତରେ ପରିତ୍ୟକ୍ତ ଖାଦ୍ୟଗୁଡ଼ିକୁ ଖାଇବାରେ ବେଶ୍ ଶାନ୍ତି ଅନୁଭବ କରୁଥିଲା ପାଗଳଟି । ତାର ମୁଖମଣ୍ଡଳରୁ ହସ ଟିକକରୁ ତାର ଆତ୍ମତୃପ୍ତି ବେଶ୍ ଅନୁଭବ କରିହେଉଥିଲା । ସତେ ଯେମିତି ମୁଁ ଅନୁଭବ କରୁଥିଲି ସବୁ ଦୁଃଖ, ପରିତାପର ବହୁ ଉର୍ଦ୍ଧ୍ୱରେ ଏ ପାଗଳଟି ଏପରି ବିଚିତ୍ର ଘଟଣାକୁ ଦେଖି ମୁଁ ଛାତଉପରୁ ଓହ୍ଲାଇ ପାଗଳ ପାଖକୁ ଯିବାର ପ୍ରୟାସ କଲି । କୁକୁର ଓ ସେ ପାଗଳଟି ପରସ୍ପର ଅତି ପରିଚିତ ପରି ଖାଉଛନ୍ତି ଗୋଟିଏ ଡଷ୍ଟବିନ୍ ଭିତରୁ ସତେଯେମିତି ବହୁତ ଦିନର ବନ୍ଧୁତା ତାଙ୍କର । ଏପରି ବନ୍ଧୁତା ଦେଖି ମୋତେ ଲାଗିଲା ସତରେ ନିଜକୁ ଯେତେବେଳେ ମଣିଷ ଭୁଲିଯିବ ସେ ସମସ୍ତଙ୍କୁ ସମାନତା ଦେଖି ଯାହା ଶାସ୍ତ୍ରପୁରାଣରେ କୁହାଯାଇଛି "ସର୍ବବ୍ରହ୍ମ ମୟ" ଅର୍ଥାତ୍ ସବୁ ଆତେ ବ୍ରହ୍ମମୟ । ଆମ୍ଭେ ଏହାକୁ ଉପଲବ୍ଧି କରିପାରୁନୁ କିନ୍ତୁ ହାୟ ଏ ପାଗଳଟି ତାର ଓ କୁକୁର ଭିତରେ ଥିବା ପାର୍ଥକ୍ୟକୁ ଜାଣିପାରୁନି ଯେଉଁଥିପାଇଁ ତା ଭିତରେ କିଛି ବିକାର ହିଁ ନାହିଁ । ସତେଯେମିତି କୁକୁର, ପରିତ୍ୟକ୍ତ ଖାଦ୍ୟ ପଦାର୍ଥ, ଅପରିଷ୍କାର ଅପରିଚ୍ଛନ୍ନତା ସବୁକିଛି ଭିତରେ ସେ ବେଶ୍ ଖୁସି ଥିବା ଅନୁଭବ କରିପାରୁଥିଲି ମୁଁ । ଅତିନିକଟତର ହୋଇ ଯେତେବେଳେ ସେ ପାଗଳ ପାଖକୁ ଗଲି ନିଜକୁ ନିଜେ ବିଶ୍ୱାସ କରିପାରିଲିନି ମୁଁ, ସେ ପାଗଳ ଆଉ କେହି ନୁହେଁ ସେ ମୋର ବହୁଦିନର ପୁରୁଣା ବନ୍ଧୁ ଅସୀମାନନ୍ଦ । ନିଜକୁ ନିଜେ ସମ୍ଭାଳି ପାରିଲିନି ମୁଁ ।

ମୋର ପିଲାଦିନର ସାଥୀ ଅସୀମାନନ୍ଦ । ସାଙ୍ଗହୋଇ ଗାଁ ସ୍କୁଲରେ ପାଠପଢୁଥିଲୁ ସବୁବେଳେ ଆନନ୍ଦିତ ତାର ମୁଖ ମଣ୍ଡଳ । ବିଦ୍ୟାଳୟରେ ଭଲଛାତ୍ର ଭାବେ ତାର ବେଶ୍ ନାଁ ଥିଲା । ପାଠପଢ଼ା ସହିତ ଅନ୍ୟସବୁ ଦିଗରେ ସିଦ୍ଧହସ୍ତ ଥିଲା ସେ । ସେଥିପାଇଁ ସବୁ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କର ଆଦରର ପାତ୍ର ଥିଲା । ଏକା ସଙ୍ଗେ ମାଟ୍ରିକ୍ ପାସ କରି କଲେଜରେ ବିଏ ପାସ କରି ମୁଁ ହେଲି ଶିକ୍ଷକ ସେ ହେଲା ଓଡ଼ିଶା ସରକାରଙ୍କର ଦପ୍ତରର ଏକ କିରାନୀ । ଯା ଭିତରେ ବହୁତ ଦିନ ବିତିଗଲାଣି ମୋର ଆଉ ତା ସହିତ ସମ୍ପର୍କ ହିଁ ନାହିଁ କାରଣ ସଂସାରଟା ହିଁ ସେୟା ପୁରୁଣା ସମ୍ପର୍କ ଗୁଡ଼ିକ ଆସ୍ତେ ଆସ୍ତେ ଛିଣ୍ଡିଯାଏ ଓ ନୂଆ ସଂପର୍କ ବାନ୍ଧି ହୋଇଯାଏ ଆପେ ଆପେ । ପିଲାଦିନର ସେ ଆନନ୍ଦିତ ମୁଖ ମଣ୍ଡଳଟା ଆଜି ମଧ ଦେଖି ଆନନ୍ଦିତ ଦେଖାଯାଉଛି । ଖାଲି ଫରକ ଏତିକି  ସେଦିନ ସେ ଅସୀମ ଆନନ୍ଦକୁ ଉପଭୋଗ କରୁଥିଲା ତାର ପାରଙ୍ଗମତା ଭିତରେ ଆଜି କିନ୍ତୁ ନିଜକୁ ସମ୍ପୂର୍ଣ୍ଣ ଭୁଲିଯାଇଥିବା ପାଗଳଟିର ଆନନ୍ଦ ଅନୁଭବ କରୁଛି ଅହଂକାର ଓ ବିକାରଠୁ ଦୂରରେ ଥାଇ । ଚାକିରୀଜୀବନଠୁ ତାପରେ ଥରେ ମାତ୍ର ସାକ୍ଷାତ ହୋଇଥିଲା ତା'ର ମୋ ସାଥୀରେ । ଅଳ୍ପ ସମୟ ହେଲେ ମଧ ତା ଜୀବନର ତିକ୍ତ ଅନୁଭୂତିଗୁଡ଼ିକୁ ଏକ ନିଃଶ୍ୱାସରେ କହି ପକାଇଥିଲା ସେ । ତାର କଥାରୁ ମୁଁ ସେଦିନ ଜାଣିଥିଲି ସୁଖରେ ନଥିଲା ସେ । ସ୍ତ୍ରୀର ମୃତ୍ୟୁପରେ ପୁଅ ବୋହୂ ଅଣଦେଖା କରୁଥିଲେ ତାକୁ । ସଂସାରର ସମ୍ପର୍କ ସୂତା ଖିଅଟା ଛିଣ୍ଡିଯାଇ ଥିଲା ତା ପାଇଁ । ବିଷର୍ଣ୍ଣ ବଦନରେ କାନ୍ଦି କାନ୍ଦି ସେ ଦିନ ସବୁ ଦୁଃଖ କଥାଗୁଡ଼ିକ କହି ପକାଇଥିଲା । ଜୀବନଟା ହିଁ ସୁଖ ଦୁଃଖର ପୃଷ୍ଠା ସମ୍ବଳିତ ପୁସ୍ତକ । ବହିର ପୃଷ୍ଠାକୁ ଲେଉଟାଇବାକୁ ହୁଏ କିନ୍ତୁ ଜୀବନର ପୃଷ୍ଠା ଆପେ ଆପେ ଲେଉଟିଯାଏ । ସେହିଦିନ ତାର ଦୁଃଖ କଥାଗୁଡ଼ିକ ଶୁଣିବା ପରଠାରୁ ମୁଁ ଚାଲି ଆସିଥିଲି ବହୁତ ଦୂରକୁ । ଯା ଭିତରେ ପ୍ରାୟ ଦଶବର୍ଷ ବିତିଗଲାଣି ଆଉ ଦେଖା ହୋଇନି ତା ସହିତ । ଆଜି ଦେଖୁଛି ସେଦିନର ଦୁଃଖରେ ଭାଙ୍ଗିପଡିଥିବା ସେହି ବିଷର୍ଣ୍ଣ ବଦନର ଅସୀମାନନ୍ଦ ସତେ ଯେମିତି ପୁଣି ତାର ପୂର୍ବ ଆନନ୍ଦକୁ ଫେରି ପାଇଛି । କାନ୍ଦି କାନ୍ଦି ବିଭୋର ହୋଇଯାଉଥିଲା ସେଦିନ  ଧିକ୍ ଏ ସଂସାର । ଯେଉଁମାନଙ୍କୁ ହାତରେ ଗଢ଼ି ମଣିଷ କଲି, ନିଜ ରକ୍ତରୁ ଗଢ଼ିଲି, ନିଜ ଖାଇବାରୁ ଖାଇବା ଦେଇ ଉପାସ ରହିଲି, ନିଜେ ଛିଣ୍ଡା ଚିରା ପିନ୍ଧି ତାଙ୍କୁ ଭଲ ପିନ୍ଧେଇଲି,ପେଟରେ ଭୋକ ମାରି ତାଙ୍କର ପାଠପଢ଼ା ସବୁ ବହନ କରି ଆଜି ସେହିମାନଙ୍କ ପାଖରେ ତାଙ୍କୁ ଗଢ଼ିଥିବା ମଣିଷଟି ଏତେ ଅଦରକାରୀ ହୋଇ ପଡିଛି ଯେ ତାକୁ ଖାଇବାକୁ ଦେବା ମଧ ସେମାନଙ୍କ ପାଇଁ ଅଦରକାରୀ ହୋଇ ଯାଇଛି । ଏ ହେଉଛି ଦୁନିଆ । ଅନ୍ୟକୁ ଦେଉଥିବା ପର୍ଯ୍ୟନ୍ତ ସମ୍ପର୍କ ଟା ଅତୁଟଥାଏ କିନ୍ତୁ ସମ୍ପର୍କର ବାନ୍ଧି ହୋଇଥିବା ଲୋକଟାକୁ ଯେତେବେଳେ ପ୍ରତିଦିନରେ କିଛି ଦେବାକୁ ପଡେ ସେତେବେଳେ ସୂକ୍ଷ୍ମ ଖିଅଟା ଛିଣ୍ଡିଯାଏ ।

ଦଶବର୍ଷ ତଳେ ସେ ବିଷର୍ଣ୍ଣ ସୂତାଟା ଆଜିପୁଣି ଫେରି ପାଇଛି ସେ ଅନନ୍ଦକୁ । ଦୁଃଖରେ ଭାଙ୍ଗି ପଡିଥିବା ସେଇ ମଣିଷଟି ସତେ ଯେମିତି ଆଜି ପୁଣି ମନଖୋଲା ହସୁଛି । ହସିବାରେ ନାହିଁ ବନ୍ଧନ, ଗୋଡରେ ନାହିଁ ସଂସାରର ବେଡି, ପିଠି ଉପରେ ନାହିଁ ସମ୍ପର୍କର କୋରଡା, ମନଟା ସତେଯେମିତି ସେ ଚିଦାକାଶ ତଳେ ଚିଦାନନ୍ଦ ପର୍ଦାବିନ୍ଦରେ ଲିପ୍ତ ହୋଇଯାଇଛି ଯେଉଁଠି ନାହିଁ ମୁଁ କାର ବା ଅହଂକାର କି ନାହିଁ ଭିନ୍ନତା ବୋଧର ବିକାର ।

ଅଧାପିକା,ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼

# ଭକ୍ତି ପସରା

- ବିଶ୍ୱଜିତ୍ ଖମାରୀ

ଆମେ ମା'ପୁଅ ଗାଡ଼ିଧରି ବାହାରିଲୁ କପିଳାସ ଅଭିମୁଖେ । ଯେତେ ବାଟ ପାଖେଇ ଆସୁଥାଏ, ସେତେ ମତେ କଷ୍ଟ ଲାଗୁଥାଏ । ଆଖିର ଲୁହକୁ ଚାପିରଖିଥାଏ । ହେଲେ ସବୁ ଲୁହତକ ହୃଦୟ ଦେଇ ଝରିଯାଉ ଥାଏ । ପୁଅ ଆଶ୍ଚର୍ଯ୍ୟ ହେଇ ବାରମ୍ବାର ପଚାରୁଥାଏ, ଆମେ କୁଆଡେ ଯିବା ? ପୁଅକୁ ସିନା ଉତ୍ତର ଦେଇ ପାରିଲିନି, ହେଲେ ୨୫ବର୍ଷର ସେହି ଘଟଣା ଆଖି ଆଗରେ ନାଚି ଯାଉଥାଏ । ୨୫ ବର୍ଷ ତଳେ, ପିଲା ପିଲି ହେଉନଥିଲେ ବୋଲି ଆମେ ସ୍ୱାମୀ, ସ୍ତ୍ରୀ ବାହାରିଲୁ କପିଳାସ । ବାଟରେ ଜଙ୍ଗଲିଆ ରାସ୍ତା ସୂର୍ଯ୍ୟ ପଶ୍ଚିମ ଆକାଶରେ ବୁଡିବା ଉପରେ । ହଠାତ୍ କୁଆଡୁ କଳାହାଣ୍ଡିଆ ମେଘଟା ଆକା ବୁକୁରେ ଢ଼ାଙ୍କି ହେଇଗଲା । ଚାହୁଁ ଚାହୁଁ ବିଜୁଳି ଘଡଘଡିରେ ଜଙ୍ଗଲ ଟା ଭୟଙ୍କର ଲାଗୁଥାଏ । କାନ୍ଧରେ ବାହୁଙ୍ଗି ପାଣି ଭାର ଧରି ସେହି ଚନ୍ଦ୍ରସେଖରଙ୍କୁ ସ୍ମରଣ କରି କାଉଡି ଗୀତ ଗାଇ ଚାଲିଥାଉ । ଆମମାନଙ୍କ କାଉଡ଼ି ଗୀତ ଶୁଣି ଲୋକଟି ଧାଇଁ, ଧାଇଁ ଆସିଲା । ଆମ ପାଖରେ ପହଞ୍ଚି କହିଲା, ଆଗରେ ହାତୀପଲ ଜଙ୍ଗଲରୁ ଉଠି ଆସିଛନ୍ତି, ଆଉ ମେଘ ବର୍ଷାରେ ଜଙ୍ଗଲ ଅତିକ୍ରମ କରିବା କଷ୍ଟ । ଆସ ଆମ ଘରେ ରହିଯିବ, ଭୋର ହେଲେ ଚାଲିଯିବ । ଆମେ ତା ପଛେ ପଛେ ଗଲୁ । କୁଡିଆ ଘରଟିଏ, ଘରେ ରୋଗିଣୀ ସ୍ତ୍ରୀ ଲୋକଟି କଷ୍ଟ ପାଉଥାଏ, ପାଖରେ ଯାଆଁଳା ପୁଅ ୨ଟି ଭୋକ ବିକଳରେ କାନ୍ଦୁଥାନ୍ତି । ଛୁଆ ଦୁଇଟିଙ୍କୁ ମାସେ କି ଦୁଇମାସ ହେବ । ଆମେ ପଚାରିଲୁ କ'ଣ ହେଇଛି, ତୁମ ସ୍ତ୍ରୀ ର ? ଲୋକଟି ଉତ୍ତର ଦେଲା, ଦୁଇଟି ଛୁଆଙ୍କୁ ଜନ୍ମ ଦେବାପରେ ଜର ଲାଗି ରହିଲା, ଗାଁ ବଇଦଙ୍କ ଠାରୁ ଔଷଧ ଖାଇଲା, ହେଲେ କମିଲାନି । ଡାହାଣୀ ଲାଗିଛି ଭାବି ଗୁଣିଆ ପାଖକୁ ନେଲୁ, ଗୁଣିଆ ବେକରେ ଲୁହା ଚେଙ୍କ ଦେଇ ଝାଡିଲା, କହିଲା ଡାହାଣୀକୁ ଚେଙ୍କ ଦେଲେ ଯିବ ଭାରି । ସେହି ଦିନୁ ସେ ପାରାଲିସିସ୍ ରୋଗରେ ଆକ୍ରାନ୍ତ । ପିଲା ଦିଇଟାକୁ ଧରି ମୁଁ କାମକୁ ଯାଇ ପାରୁନି, ଭୋକର ଯନ୍ତ୍ରଣା କେତେ ସହିବୁ । ସବୁଶୁଣି ଭାବିଲି ମୋ ଦୁଃଖ ଠାକୁର ଶୁଣିଛନ୍ତି । ମୋର ଭକ୍ତିର ପସରା ଠାକୁର ଗ୍ରହଣ କରିଛନ୍ତି । ଭଗବାନଙ୍କୁ ଲକ୍ଷେ ଜୁହାର କରି, ଲୋକଟିକୁ ପୁଅଟି ମାଗିଲୁ । ଲୋକଟି ଗୋଟିଏ ପୁଅ ହେଲେ ଭଲରେ ରହୁ, କହି ମୋ କୋଳକୁ ଟେକି ଦେଲା । ସେହିଦିନ ମୁଁ ଶପଥ କରି ଆସିଥିଲି, ପୁଅଟିକୁ ଡାକ୍ତର କରି, ଏମାନଙ୍କ ଅନ୍ଧ ବିଶ୍ୱାସ ଯଦି ଦୂର କରି ପାରିବି ଏବଂ ପୁଅଟିକୁ ଏହି ଗରୀବମାନଙ୍କ ସେବାରେ ସମର୍ପଣ କରିପାରିବି, ତେବେ ଠାକୁରଙ୍କୁ ଲକ୍ଷେ ଚମ୍ପା କି ଲକ୍ଷେ ବେଲପତ୍ର ଦେବା ଫଳ ପାଇଯିବି । ସେହି ପୁଅକୁ ଡାକ୍ତର କରି ୨୫ବର୍ଷର କରି ଆଣିଛି । ଘରଟି ଅତିନିକଟ ହେଇଗଲା । ଆମେ ଦୁଇଜଣ ଗାଡିରୁ ଓହ୍ଲାଇଲୁ । ସେଇ ଘର, ଘରର କିଛି ବି ପରିବର୍ତ୍ତନ ହେଇନି, ଘରକୁ ପସିଗଲୁ, ଦେଖିଲି ୨୫ବର୍ଷ ତଳର ସେହି ସ୍ତ୍ରୀ ଲୋକ ସେମିତି ପଡିଛି । ପାଖରେ ବୋଧେ ସେହି ପୁଅଟି, ଉଦାସ ମନରେ ପଥର ପରି ବସିଛି । ଲୋକଟି ଗଲା କୁଆଡେ, ଟିକିଏ ଅପେକ୍ଷା କଲୁ । ଲୋକଟି ପାଳ ଆଣି ଗାଈ ଆଗରେ ପକେଇଲା । ସେହି ମଇଳା କୋତରା ଲୁଗାରେ ଢ଼ଙ୍କା ଥିବା ଲୋକଟି । ଲୋକଟି ମନରେ ଅସୁମାରି ପ୍ରଶ୍ନ ହେଲେ ପଚାରି ନପାରି ଜୁହାର ବୋଲି କହିଲା । ମୁଁ ପଚାରିଲି ଏଇ ପୁଅଟିର କ'ଣ ହେଇଛି ? ଲୋକଟି ଉତ୍ତର ଦେଲା ଏହି ପୁଅଟି ତୁମକୁ ଯେଉଁ ଯାଆଁଳା ପୁଅରୁ ଗୋଟିଏ ଦେଲି ଇଏ ଆଉ ଗୋଟେ ପୁଅ । ତାକୁ ବହୁ କଷ୍ଟରେ ପାଳି ପାଠ ପଢ଼ାଇଲି ହେଲେ ଚାକିରୀ ଖୋଜି ଖୋଜି ବୁଲୁଥିବା ବେଳେ କେତେକ ଲୋକଙ୍କ ଖରାପ ପରାମର୍ଶରେ ମା'ଟିକୁ ଭଲ କରିବାକୁ ମନକରି ସେମାନଙ୍କ ଠାରୁ ଟଙ୍କା ଆଣି ମୋତେ ନ ପଚାରି ନିଜ କିଡିନ୍ ବିକ୍ରି କରିଛି । ଟଙ୍କା ତକ ମା' ରୋଗରେ ଭଲ ହେବ କ'ଣ ? ତା ପଛରେ ଟଙ୍କା ତକ ସରିଲାଣି । ହେଲେ ପୁଅଟିର ଦେହ ଭଲ ହେଉନି । ମୁଁ ମନେ ମନେ ଭାବିଲି ପ୍ରଭୁ ଏ କି ଦୁଃଖ । ଏ ଲୋକଟି ଦୁଃଖର ପସରା ବୋହି ବୋହି ଏତେ ବର୍ଷ ଚାଲିଛି । ମୋ ପୁଅକୁ ଦେଖେଇ କହିଲି, ଏ ପୁଅଟି କିଏ କହିଲ ? ଲୋକଟି ପଚାରିଲା, ଏ ବାବୁ ଜଣକ କିଏ ? ମୁଁ କହିଲି ଏ ତୁମ ପୁଅ, ଡାକ୍ତର ହେଇଛି । ତାକୁ ମୁଁ ଏଇଠି ଛାଡ଼ିଯିବି, ତୁମ ଆଦିବାସୀ ସରଳ ବିଶ୍ୱାସୀଙ୍କର ସେବା କରିବ, ପୁଅଟି ଆଶ୍ଚର୍ଯ୍ୟ ହେଇ ମା'କୁ ଅନେଇଛି । ମା' ସବୁ କଥା ବୁଝାଇ ଦେଲେ ଓ ନିଜ ମା'ବାପା, ଭାଇ ସବୁ ଚିହ୍ନେଇ ଦେଲେ । ପୁଅଟି ବି ମା'ର ତ୍ୟାଗ, ତପସ୍ୟା ଓ ମହତ କାମ କରିବାର ଇଛାରେ ପ୍ରତିବାଦ କଲାନାହିଁ । ମା' ଟି ପୁଅକୁ ଛାଡ଼ି ଆତ୍ମ ସନ୍ତୋଷ ରେ ଘରକୁ ଫେରିଲା ।

ଏହା ହିଁ ଥିଲା ତାର ଶିବ ଉପାସନା, ଏହା ହିଁ ପ୍ରକୃତ ଭକ୍ତିର ପସରା ଠାକୁରଙ୍କୁ ଅର୍ପଣ କଲା । ଆମେ ଗୁଣି ଗାରେଡି ଅନ୍ଧବିଶ୍ୱାସକୁ ପ୍ରସୟ ଦେବା ଅନୁଚିତ୍ । ଟଙ୍କାର ଲୋଭରେ ଆମେ ଗୋଟିଏ ଅସୁବିଧା ଅତିକ୍ରମ କରିବାକୁ ଯାଇ, ଅନେକ ଅସୁବିଧାକୁ ନିମନ୍ତ୍ରଣ କରିବା ଅନୁଚିତ୍ । ସୃଷ୍ଟି କର୍ତ୍ତାଙ୍କର ଏପରି କାମ କରନ୍ତୁ, ତାହା ତାଙ୍କ ପ୍ରତି ଭକ୍ତିର ପସରାଟିଏ ସମର୍ପଣ ପରି ତାଙ୍କୁ ଲାଗୁ ।

# ସ୍ନେହ ପାଇଁ ଚିଠିଟିଏ

*- ଡଃ ନିରୋଦ କୁମାର ମଣ୍ଡୀ*

ସ୍ନେହର  ଟୁଟୁ,

ମୋର ସ୍ନେହ ନେବ ! ବୋହୂ, ନାତି, ନାତୁଣୀମାନଙ୍କୁ ମୋର ସ୍ନେହ ଜଣାଇବ । ଈଶ୍ୱରଙ୍କ ଦୟାରୁ ତୁମ୍ଭେମାନେ ସେଠାରେ ଭଲରେ ଥିବ । ତୁମେ ପାଠପଢୁଥିବା ସମୟରେ ଯେଉଁ ଚିଠି ଦେଉଥିଲି, ଆଜିର ଏ ଚିଠି ମଧ୍ୟରେ ପ୍ରାୟତଃ କୋଡିଏ ବର୍ଷର ବ୍ୟବଧାନ । ଏବେ ମୋର ଆଉ ତୁମକୁ ଉପଦେଶ ଦେବାରେ ନାହିଁ । କାରଣ ତୁମେ ଏବେ ନିଜକୁ ନିଜେ ସଜାଡ଼ିପାରିଛ । ଏବେମୋର ତୁମକୁ ନେହୁରା -


ଟୁଟୁରେ ବଞ୍ଚିବା ପାଇଁ ବହୁତ କଷ୍ଟ ହେଉଛି । ଆଉ ପାରୁନି, ଆର ମାସରେ ଦେଇଥିବା ଚିଠିର ଅର୍ଥବୋଧ ହୁଏ ବୁଝିପାରିଲନି । ତେଣୁ ଭାବିନେଲ ବାପା'ଙ୍କର ବୋଧ ହୁଏ ଅଧିକ ଟଙ୍କା ଦରକାର ପଡୁଛି । ତେଣୁ ତୁମେ ଦେଉଥିବା ଟଙ୍କାର ପରିମାଣ ଦୁଇଗୁଣ କରି ପଠାଇଲ ଟଙ୍କାରେ କ'ଣ ଶାନ୍ତି ମିଳିପାରିବ । ଆମେ ଗାଁରେ ବୁଢ଼ାବୁଢ଼ୀ ଦୁଇଜଣ ସ୍ନେହ କାଙ୍ଗାଳ ହୋଇପଡିଛୁ । ଆମ ଆଖି ଆଗରେ ଅନ୍ୟମାନଙ୍କର ନାତି, ନାତୁଣୀମାନେ ତାଙ୍କର ଜେଜେବାପା ଓ ମା'ଙ୍କୁ କେତେ ଶ୍ରଦ୍ଧାରେ ଗେଲ କରୁଛନ୍ତି, ଥଟ୍ଟାମଜ୍ଜା ହେଉଛନ୍ତି । ଖନେଇ ଖନେଇ ସ୍ୱରରେ ଜେଜେ ବାପା, ମା'ଡାକ ଶୁଣି ଆମ ହୃଦୟ ଦୁଃଖରେ ଭାଙ୍ଗି ପଡୁଛି । ବିଭିନ୍ନ ପ୍ରକାର ପର୍ବ ପର୍ବାଣୀରେ ପିଲାମାନଙ୍କର ଖେଳକୁଦ ଦେଖିଲେ ଆମ ଆଖିରେ ଲୁହ ଚାଲିଆସୁଛି । ତୁମେ ଛୋଟ ଥିବାବେଳେ ମୋ ବାପା ମା' ସହ କେତେ ଖେଳୁଥିଲ, ମଜା କରୁଥିଲ । ମୋ ବାପା ବେଳେ ବେଳେ ଖାଇବା ପିଇବା ଭୁଲିଯାଉଥିଲେ । ତମକୁ ସକାଳୁ ନଦେଖିଲେ ପାଗଳ ହୋଇ ଯାଉଥିଲେ । ତୁମେ ଦୁଷ୍ଟାମି କରୁଥିଲେ ମୁଁ ଯଦି ଗାଳିଦେଉଥିଲି ତେବେ ମୋତେ ବାପା ବିରକ୍ତି ହେଉଥିଲେ, ପର୍ବପର୍ବାଣୀରେ ପିଠାପଣା ଏକାଠି ଖାଇବା ବେଳେ ତମକୁ ଜେଜେ ବାପା କେତେ ଗେଲ କରୁଥିଲେ, ଅଧିକରୁ ଅଧିକ ଖାଇବାକୁ ଦେଉଥିଲେ । ଯାତରାରୁ ବେଲୁନ୍, ପେଁକାଳୀ, କଣ୍ଢେଇ ଚକ ତୁମପାଇଁ କିଣିଆଣୁଥିଲେ । ତୁମେ ଏ ଖେଳଣାନେଇ କେତେ ଖୁସି ହେଉନଥିଲ ! ଆମ ଘରଟା ହସ ଖୁସିରେ ଫାଟି ପଡୁଥିଲା । ଏବେ ଯାତରା ପଡିଆରେ ବେଲୁନ୍, ପେଁକାଳି ଦେଖିଲେ ମୋ ଆଖିରେ ଲୁହ ଆସିଯାଉଛି, କାରଣ ମୁଁ କାହାପାଇଁ କିଣିନେବି ? କାହାକୁ ପିଠିରେ ବସାଇ ହାତୀହୋଇ ବୁଲାଇବି ଯେମିତି ତମକୁ ମୋ ବାପା ବୁଲାଉଥିଲେ । ଘରଟା ଖାଁ ଖାଁ ଲାଗୁଛି ତୁମ ମା' ଅଧିକ ସମୟ ଆଖିରୁ ଲୁହ ଗଡାଉଛି । ମୁଁ ବ୍ୟସ୍ତ ହୋଇ ତାକୁ ଗାଳିଦେଉଛି । କାହିଁକି ଜାଣୁ, କାଳେ ତୁମର କିଛି ଅମଙ୍ଗଳ ହେବ । ତାକୁ ଗାଳିଦେଉ ଦେଉ ମୁଁ ବି କାନ୍ଦି ପକାଏ । ତୁମେ ଠିକ୍ ସମୟରେ ଟଙ୍କା ପଠାଇ ଦେଉଛ । କିନ୍ତୁ ଟଙ୍କା କେବଳ ଖାଇବାକୁ ଦେଇ ବଞ୍ଚାଇଛି, ହେଲେ ସେ ବଞ୍ଚିବା ଅପେକ୍ଷା ମରିଯିବା ଭଲ ବୋଲି ଆମେ ଭାବୁଛୁ ।ତୁମେ ପାଠପଢ଼ି ଚାକିରୀ କଲ, ବାବୁ ହେଲ, ତୁମ ଅଫିସ୍‌ରେ ତୁମକୁ ସମ୍ମାନ ମିଳିଲା । ଆମେ ବାପା, ମା ବି ତୁମେ ଯେଉଁଦିନ ଚାକିରିପାଇଲ ସବୁ ମନ୍ଦିରକୁ ଯାଇ ଭୋଗ ଲାଗି କଲୁ । ଗାଁରେ ମିଠା ବାଣ୍ଟିଲୁ । ତୋର ବିବାହ ସ୍ଥିର ହେବାରୁ ଆହୁରି ଖୁସି ହେଲୁ । ବାପା, ମା'ଆଉ କ'ଣ ଚାହାନ୍ତି ? ପିଲାର ଖୁସି ରେ ତ ଆମେ ଖୁସି । କିନ୍ତୁ ଯେଉଁ ଦିନ ତୁମେ ପିଲାପିଲିଙ୍କୁ ନେଇ ସହରକୁ ଚାଲିଗଲ, ଅଳ୍ପଘର ଭଡ଼ାନେଇ ଥିବାରୁ ଆମେ ରହିଗଲୁ, ସେଦିନ ପୂର୍ବର ସବୁ ସୁଖ ଭାଙ୍ଗି ପଡ଼ିଲା ପରି ଲାଗିଲା । ତଥାପି ତୁମ ଭଲ ପାଇଁ ଖୁସିରେ ଖୁସିରେ ବିଦାୟଦେଲୁ । ଆଶାରଖିଥିଲୁ ଏଇ ବୁଢ଼ା ବୟସଟା ନାତି, ନାତୁଣୀ ସ୍ନେହରେ କଟାଇ ଦେଇଥାନ୍ତୁ, ଛାଡ ..... । ପୁଅ ଜାଣିବ ତୁମ ମା' ଗୋଟେ ଘରେ ଖେଳଣା ଫୁଲ୍ କରିସାରିଲାଣି, କାହିଁକି ଜାଣୁ, ଅନ୍ୟମାନେ ଯେତେବେଳେ ଖେଳଣା ଆଣନ୍ତି, ସେତେବେଳେ ତମ ମା' ତା' ନାତି ନାତୁଣୀଙ୍କ ପାଇଁ କିଣିଆଣେ । ସମସ୍ତେ ପଚାରନ୍ତି କାହିଁକି ଖେଳଣା କିଣୁଛୁ ? ତୁମ ନାତି, ନାତୁଣୀତ ସହରରେ ସେ କହେ - ମୋ ନାତି ନାତୁଣୀ ଆର ହପ୍ତାରେ ଆସିବେ, ତାଙ୍କୁ ଦେବି । ଏମିତି ଅନେକ ହପ୍ତା ଚାଲିଗଲାଣି......ମୁଁ ରାଗିଛି ବୋଲି ଭାବିବୁନି । ମୋର ତମକୁ ଏତିକି ନେହୁରା, ଆମର ଆଉ ଟଙ୍କା ଦରକାର ନାହିଁ, ଟଙ୍କା କ'ଣ କରିବୁ ? ତୁମେ କି ବୋହୂ ଯଦି ଦୟାକରି ତୁମର ଏବଂ ତୁମ ପିଲାମାନଙ୍କର ସ୍ନେହ ଟିକକ ପଠାନ୍ତ, ଆମେ ଅବଶିଷ୍ଟ ଦିନ ଖୁସିରେ ବଞ୍ଚିଯାଆନ୍ତୁ । ସ୍ନେହ, ଶ୍ରଦ୍ଧା ବିନା ବଞ୍ଚିବା ଭାରିକଷ୍ଟ ହେଉଛିରେ । ଘର ଭିତରେ ଆମେ ଦୁହେଁ ଏକୁଟିଆ ହୋଇ କେବଳ ତୁମ ଫଟୋ ଗୁଡିକୁଦେଖି ଆଖିରୁ ଲୁହ ଗଡାଉଛୁ । ମୋ ନାତି, ନାତୁଣୀକୁ ତ ଦେଖିନୁ, ଖାଲି ବୟସ ଅନୁସାରେ ୧୦ବର୍ଷ ହେବଣି, ଆମ ସାହିର ହରିର ୧୦ବର୍ଷର ପୁଅର ଏବଂ ଝିଅର ଫଟୋଆଣି ସ୍ନେହ ଦେଉଛୁ ।

ଆଉ ବିଶେଷ କିଛି ଲେଖୁନାହିଁ । ଈଶ୍ୱର ତୁମମାନଙ୍କ ଚଲା ପଥକୁ କୁସୁମିତ କରାନ୍ତୁ । କେବଳ ଟିକିଏ ସ୍ନେହ ଅପେକ୍ଷାରେ...

ରହିଲି, ତୋର ସ୍ନେହ କାଙ୍ଗାଳ

ବାପା, ମା'

ଓଡ଼ିଆ ଅଧ୍ୟାପକ, କଟକ


Admission Open
What it takes to become an achiever ?
Join ROUT CLASSES Today
+2 Sc. I CBSE (XI & XII) I JEE (Main & Adv.)
NEET I AIIMS I JIPMER I BHU
KVPY I NTSE I OLYMPIAD I NISER I IISER
Be an Achiever
ROUT CLASSES
Blooming the Hidden Treasure
ROUT CLASSES
Satya Nagar, BJB Nagar, Bomikhal (BBSR)
Arunodaya Nagar, Sector-6, CDA (CTC)
94384 09975 / 97763 55340
94384 09975
routclasses@gmail.com
www.routclasses.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ